


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





✦Vol - 22✦ Issue No:171✦16 October 2026 (Friday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୭୧✦୧୬ ଅକ୍ଟୋବର ୨୦୨୬ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ଜିଏମ୍ୟୁରେ ସ୍ୱାଧୀନ କୁମାର ଆଚାର୍ଯ୍ୟ ସଭାପତି, ସଙ୍କେତ ସାହୁ ଉପସଭାପତି




ସମ୍ବଲପୁର,୧୫/୧୦(ନି/ପ୍ର): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନର ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ସ୍ୱାଧୀନ କୁମାର ଆଚାର୍ଯ୍ୟ ସଭାପତି, ସଙ୍କେତ ସାହୁ ଉପସଭାପତି ଏବଂ ନିଖିଲ ଅଗ୍ରୱାଲ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ସଭାପତି ପଦ ପାଇଁ ହୋଇଥିବା ନିର୍ବାଚନରେ ସ୍ୱାଧୀନ କୁମାର ଆଚାର୍ଯ୍ୟ ୮୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କରଣମୟ ସାହୁ ୭୬ ଖଣ୍ଡ ଏବଂ ପ୍ରିୟଭଦ୍ରା ଏସ୍. ପୁଷ୍ଟି ୪ ଖଣ୍ଡ ଭୋଟ୍ ପାଇଛନ୍ତି। ସ୍ୱାଧୀନ ୬ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ପଦ ପାଇଁ ମୋଟ ୧୬୪ ଖଣ୍ଡ ଭୋଟ୍ ପଡ଼ିଥିଲା। ସେହିପରି ଉପସଭାପତି ପଦରେ ସଙ୍କେତ ସାହୁ ୧୦୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରତ୍ୟାଶା ଧର ୪୬ ଖଣ୍ଡ ଏବଂ ଯୋଗେନ୍ଦ୍ର କୁମାର ମଲ୍ଲିକ ୧୪ ଖଣ୍ଡ ଭୋଟ୍ ପାଇଛନ୍ତି। ସଙ୍କେତ ୫୬ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦରେ ନିଖିଲ ଅଗ୍ରୱାଲ ୯୬ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାହୁଲ ମେହେର ୫୩ ଖଣ୍ଡ ଏବଂ କିସ୍ଲତ ପାଣ୍ଡେ ୧୨ ଖଣ୍ଡ ଭୋଟ୍ ପାଇଛନ୍ତି। ନିଖିଲ ୪୩ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଆଥଲେଟିକ୍ କ୍ଲବ୍‌ର ସହକାରୀ ସମ୍ପାଦକ ପଦରେ କିରଣ ମଲ୍ଲିକ ୯୪ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶୁଭମ କୁମାର ମିଶ୍ର ୩୯ ଖଣ୍ଡ ଭୋଟ୍ ପାଇଛନ୍ତି। କିରଣ ୫୫ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସାଂସ୍କୃତିକ ସଂଘର ସମ୍ପାଦକ ପଦରେ ଶ୍ରୀତି ସ୍ୱରୂପା ଆଚାର୍ଯ୍ୟ ୭୧ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ପ୍ରିୟବ୍ରତା ବେହେରା ୫୧ ଖଣ୍ଡ ଏବଂ ସ୍ୱାଗତ ସାହୁ ୪୦ ଖଣ୍ଡ ଭୋଟ୍ ପାଇଛନ୍ତି। ଶ୍ରୀତି ୨୦ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

## ପାକିସ୍ତାନରେ ଛାତିଥରା ଦୁର୍ଘଟଣା; ୨୮ ଶିଶୁଙ୍କ ସମେତ ଶିକ୍ଷୟିତ୍ରୀ ମୃତ

### ୪୦ରୁ ଅଧିକ ଆହତ



ନୂଆଦିଲ୍ଲୀ,୧୫।୧୦: ପାକିସ୍ତାନର ପେଷାୱର ସ୍ଥିତ ଦୀର କଲୋନୀ ଅଂଚଳରେ ଗୁରୁବାର ଅଭାବନୀୟ ଘଟଣା ଘଟିଛି । ଏକ ବେସରକାରୀ ସ୍କୁଲର ଛାତ ଭୁଶୁଡ଼ି ଯିବାରୁ ୨୯ ଜଣଙ୍କର ମୃତ୍ୟୁ ଘଟିଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୨୮ ଜଣ ଛାତ୍ରଛାତ୍ରୀ ଏବଂ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି । ମୃତ ସମସ୍ତ ଶିଶୁଙ୍କ ବୟସ ୧୩ ବର୍ଷ କିମ୍ବା ତାହାଠାରୁ କମ୍ ବୋଲି ଜଣାପଡ଼ିଛି । ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତମାନଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ହସ୍ପିଟାଲର ଟ୍ରମା ୱାର୍ଡରେ ଅଧିକ ଡାକ୍ତର ଏବଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏହି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ପ୍ରତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଏହି କଠିନ ସମୟରେ ସେମାନଙ୍କୁ ଧୈର୍ଯ୍ୟ ଦେବା ପାଇଁ ପ୍ରାର୍ଥନା କରିଛନ୍ତି । ଏଥିସହ ଆହତମାନଙ୍କୁ ଉନ୍ନମ ଚିକିତ୍ସା ଯୋଗାଇଦେବା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଖାଇବର ପାଖତୁନଖ୍ୱାର ଗଭର୍ଣ୍ଣର ଫୈସଲ କରିମ କୁଣ୍ଡି ମଧ୍ୟ ଦୁର୍ଘଟଣାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ସେ ଏହି ଘଟଣାର ଏକ ବିସ୍ତୃତ ରିପୋର୍ଟ ମାଗିବା ସହିତ ଦୁର୍ଘଟଣାର ପ୍ରକୃତ କାରଣ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାକିସ୍ତାନରେ ସୁରକ୍ଷା ମାନଦଣ୍ଡକୁ ଅଣଦେଖା କରିବା ଏବଂ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ପ୍ରାୟତଃ ଏଭଳି ଅଘଟଣ ଘଟୁଛି । ଗତ ୬ ମାସ ଭିତରେ ସ୍କୁଲ ଭୁଶୁଡ଼ି ଅନେକ ଦୁର୍ଘଟଣା ଘଟିଛି । ଗତ ଜୁଲାଇ ମାସରେ ଉମରକୋଟର ଏକ ସରକାରୀ ସ୍କୁଲର ବାହାର କାନ୍ଥ ଭୁଶୁଡ଼ିବାରୁ ୩ ଜଣ ନାବାଳିକା ଝିଅଙ୍କର ମୃତ୍ୟୁ ଘଟିଥିଲା । ସେହି ମାସରେ ଲାହୋରର ବାଗବାନପୁରା ଅଂଚଳରେ ଏକ ନିର୍ମାଣାଧୀନ ବେସରକାରୀ ସ୍କୁଲର ଛାତ ପଡ଼ି ଜଣେ ଶିଶୁଙ୍କ ଜୀବନ ଯାଇଥିଲା । ସେହିପରି ଜୁନରେ ଲାହୋରର କହନା ଅଂଚଳରେ ଏକ ଟ୍ୟୁସନ ସେଂଟରର ଛାତ ଭୁଶୁଡ଼ିବାରୁ ୧୪ ଜଣ ଶିଶୁଙ୍କର ଜୀବନ ଚାଲିଯାଇଥିଲା । ମେ ମାସରେ ଡେରା ଗାଜୀ ଖାନରେ ଏକ ସ୍କୁଲ ଛାତ ଭୁଶୁଡ଼ି ୪ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଆହତ ହୋଇଥିଲେ ।

## ଇରାନ ଉପରେ ଆକ୍ରମଣ ପାଇଁ ଆମେରିକା 'ମଦର ଅଫ୍ ଅଲ୍ ବମ୍' ବ୍ୟବହାର କରିବା ଆଶଙ୍କା ଘନେଇଲା




ନୂଆଦିଲ୍ଲୀ,୧୫/୧୦: ମଧ୍ୟପ୍ରାଚ୍ୟରେ ବଢୁଥିବା ଉତେଜନା ଉପରେ ବିଶ୍ୱର ନଜର ରହିଛି। କିନ୍ତୁ ଏବେ ଆମେରିକାର ଏକ ସମ୍ଭାବ୍ୟ ସାମରିକ ଯୋଜନା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ରିପୋର୍ଟ ଅନୁଯାୟୀ ଆମେରିକାର ସାମରିକ ବାହିନୀ ଭବିଷ୍ୟତରେ ଇରାନ ଉପରେ ଆକ୍ରମଣ ପାଇଁ 'ମଦର ଅଫ୍ ଅଲ୍ ବମ୍' ଭାବରେ ପରିଚିତ ଏକ ବୋମା ବ୍ୟବହାର କରିବାକୁ ବିଚାର କରୁଛି। ଏହା ଆମେରିକାର ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ। ଯଦି ଏହା ବ୍ୟବହାର କରାଯାଏ, ତେବେ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ପୁଣି ଥରେ ଏକ ବିପଦପୂର୍ଣ୍ଣ ମୋଡ଼ ନେଇପାରେ।ଇରାନ ଏବଂ ଆମେରିକା ମଧ୍ୟରେ ପରିସ୍ଥିତି ଅତ୍ୟନ୍ତ ଉନ୍ତେଜନାପୂର୍ଣ୍ଣ ରହିଛି। ସମ୍ପ୍ରତି ଇରାନୀ ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ(ଆଇଆରଜିସି) ନୌସେନାର କମାଣ୍ଡର ରିଅର ଆଡମିରାଲ ଅଲିଆଜମାଇ ଆମେରିକାକୁ ଏକ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଆମେରିକୀୟ ଜାହାଜ ଦ୍ୱାରା ଯେକୌଣସି କାର୍ଯ୍ୟର କଡ଼ା ଜବାବ ଦିଆଯିବ। ଏହି ଚେତାବନୀ ମଧ୍ୟରେ ଆମେରିକା ପକ୍ଷରୁ ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ବ୍ୟବହାର ବିଷୟରେ ଆଲୋଚନା ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଛି। ତେବେ ଏହି ବୋମା ବ୍ୟବହାର ବିଷୟରେ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତି ନିଆଯାଇନାହିଁ। ରିପୋର୍ଟ ଅନୁଯାୟୀ, ଆମେରିକୀୟ ସେନା ଏପରି ସମ୍ଭାବ୍ୟ ସାମରିକ ଯୋଜନା ଉପରେ ବିଚାର କରୁଛି। ଯଦି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଅନ୍ତି, ତେବେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରେ। ଏହି ଖବର ସୂଚାଇ ଦେଉଛି ଯେ, ଆମେରିକୀୟ ସାମରିକ ବିକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଆକ୍ରମଣର ସମ୍ଭାବନା ବିଷୟରେ ଆଲୋଚନା କରାଯାଉଛି। ଏହି ବୋମାର ନାମ ହେଉଛି ଜିବିୟୁ-୪୩/ବି ମାସିଭ୍ ଅର୍ଡନାନ୍ସ ଏୟାର ବ୍ଲାଷ୍ଟ (ଏମଓଏବି)। ଏହାକୁ ସାଧାରଣତଃ 'ମଦର ଅଫ୍ ଅଲ୍ ବମ୍' କୁହାଯାଇଥାଏ। ଏହା ଆମେରିକାର ସବୁଠାରୁ ବଡ଼ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ। ଏହାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହା ଏକ ପରମାଣୁ ବୋମା ନୁହେଁ, ତଥାପି ଏହାର ବିସ୍ଫୋରଣ ଏକ ବିଶାଳ ଅଂଚଳରେ ବ୍ୟାପକ ଧ୍ୱଂସ ଘଟାଇପାରେ। ଏହାର ଉଦ୍ଦେଶ୍ୟ ବଡ଼ ସାମରିକ ଘାଟି ଏବଂ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟସ୍ଥଳକୁ ଯଥେଷ୍ଟ କ୍ଷତି ପହଚାଂଇବା। ରିପୋର୍ଟ ଅନୁଯାୟୀ, 'ମଦର ଅଫ୍ ଅଲ୍ ବମ୍' ପ୍ରାୟ ୨୦ ଫୁଟ ଲମ୍ବା ଏବଂ ବିସ୍ଫୋରଣ ହେବା ପୂର୍ବରୁ ୨୦୦ ଫୁଟ ମାଟି ଏବଂ ୬୦ ଫୁଟ କଂକ୍ରିଟ୍ ଭେଦ କରିବାକୁ ସକ୍ଷମ।

## କ୍ୟାମ୍ପସରେ ନିର୍ବାଚନୀ ତାତି, ବ୍ରହ୍ମଗିରିରେ ବୋମା ମାଡ଼, ଗୋଷ୍ଠି ସଙ୍ଘର୍ଷ

### ଏଫ୍.ଏମ କଲେଜରେ ଦୁଇ ଗୋଷ୍ଠୀ ମୁହାଁମୁହିଁ



ଭୁବନେଶ୍ୱର, ୧୫/୧୦(ନି/ପ୍ର): ବ୍ରହ୍ମଗିରି ସାତପଡ଼ା ପଚାଂୟତ ଡିଗ୍ରୀ କଲେଜରେ ବୋମା ମାଡ଼ । ନିର୍ବାଚନ ବାତିଲ କଲେ କଲେଜ ଅଧ୍ୟକ୍ଷ । କଲେଜ ପରିସରରେ ୮ ରୁ ୧୦ ବୋମା ମାଡ଼ ହୋଇଥିବା ସୂଚନା ମିଳିଛି । ଚୟନ ପ୍ରକ୍ରିୟା ମାଧ୍ୟମରେ ନିର୍ବାଚନ ହେବ ବୋଲି ସ୍ଥିରୀକୃତ ହୋଇଥିଲା । ଆଜି କ୍ୟାମ୍ପସରେ ବୋମା ମାଡ଼ ପରେ ଇଲେକ୍ସନ ବାତିଲ କରାଯାଇଛି । ସେପଟେ ବ୍ରହ୍ମଗିରି ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟରେ ନିର୍ବାଚନ ଚାଲିଥିବା ସମୟରେ ଦୁଇ ଅଣଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଯୁକ୍ତିତର୍କ ସହ ଠେଲାପେଲା ହୋଇଛନ୍ତି । ପୁଲିସ ଉପସ୍ଥିତିରେ ପରିସ୍ଥିତି ଅସମ୍ଭାଳ ହୋଇଛି । ଘଟଣାସ୍ଥଳରେ ସଦର ଝଉଚଙ, ଥାନା ଅଧିକାରୀ ପହଚିଂ ଅଣଛାତ୍ରଙ୍କୁ କ୍ୟାମ୍ପସ ବାହାରକୁ କାଢ଼ି ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କଲେଜ କ୍ଷେତ୍ରବାସୀ ଡି.ଏ.ଭି. ମହାବିଦ୍ୟାଳୟ (କଇଉଇଠ ଉକ୍ଷକ୍ଷରଶର) ରେ ଛାତ୍ର ନିର୍ବାଚନ ବାତିଲ ହୋଇଛି । କଲେଜ ଇଲେକ୍ସନ ବେଳେ ଗଣ୍ଡଗୋଳ ସାଙ୍ଗକୁ ପରିସ୍ଥିତି ଅଣାୟତ ଥିବା କାରଣରୁ କଲେଜ ଅଧ୍ୟକ୍ଷଙ୍କ ସୁପାରିଶ କ୍ରମେ ଖୋର୍ଧା ଉପ-ଜିଲ୍ଲାପାଳ ନିର୍ବାଚନ ବାତିଲ କରିଛନ୍ତି। କଲେଜ ପରିସର ଠାରୁ ଆରମ୍ଭ କରି ଆଖପାଖ ଅଂଚଳରେ ୭ ଦିନ ପାଇଁ ୧୬୩ ଧାରା ଲାଗୁ କରାଯାଇଛି। ପ୍ରତ୍ୟେକ ସ୍ଥାନରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ୧୮ ଯାଏ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୫/୧୦(ନି/ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ କେନ୍ଦ୍ରଠାରୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସହ ମିଆଁମାର ଓ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ଏକ ନିମ୍ନଚାପରେଖା ଲମ୍ବିଛି। ଏହାର ପ୍ରଭାବରେ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଂଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ,ଆସନ୍ତା ୨୪ଘଟାଂ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋରଧା, ନୟାଗଡ଼ା ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡଘଡି ସହିତ ବର୍ଷାର ସମ୍ଭାବନା ରହିଛି। ଉପରୋକ୍ତ ଜିଲାଗୁଡିକ ମଧ୍ୟରୁ କେତେକ ସ୍ଥାନରେ ଘଟାଂପ୍ରତି୩୦ରୁ୪୦କି.ମି. ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଏହିସବୁ ଜିଲାଗୁଡିକୁ ସତର୍କ ସୂଚନା ଜାରି କରାଯାଇଛି। ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ପୁଣି ଆରମ୍ଭ ହୋଇଛି। କିଛିଦିନ ତଳେ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର କିଛି ଜିଲାରୁ ମୌସୁମି ବାହୁଡି ଥିବାବେଳେ ପରବର୍ତ୍ତୀ ସମୟରେ ମୌସୁମି ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରିବା ପ୍ରକ୍ରିୟା ଅଟକିଥିଲା। ୧୦ ଜିଲାରୁ ମୌସୁମି ବାୟୁ ସମ୍ପୂର୍ଣ୍ଣ ବିଦାୟ ନେଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଜାତୀୟ ରାଜପଥରେ ସିରିଜ ଦୁର୍ଘଟଣା, ୨ ମୃତ, ୬ ଗୁରୁତର

ବ୍ରହ୍ମପୁର,୧୫/୧୦(ନି/ପ୍ର): ବ୍ରହ୍ମପୁର ନିକଟ ଚମାଖଣ୍ଡି ଛକ ଠାରେ ଜାତୀୟ ରାଜପଥ ୧୬ ଉପରେ ଆଜି ସନ୍ଧ୍ୟାରେ ସିରିଜ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ଜାତୀୟ ରାଜପଥରେ ଆନ୍ଧ୍ରରୁ ମହାରାଷ୍ଟ୍ରକୁ ଯାଉଥିବା ଏକ ମାଲବାହୀ ଟ୍ରକ, ଏକ କାର ଓ ୨ଟି ବାଇକ ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଉନ୍ତେଜନା ପ୍ରକାଶ ପାଇଛି। ଲୋକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଚମାକଣ୍ଡି ଥାନା ପୁଲିସ ଓ ହାଇୱେ ପୁଲିସ ପହଚିଂ ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ଉତ୍ୟକ୍ତଙ୍କୁ ବୁଝାସୁଝା କରୁଛନ୍ତି।



## ଚୀନ୍ ସହାୟତାରେ ମିସାଇଲ୍ ତିଆରି କରୁଛନ୍ତି ହୁତି

### ଇସ୍ରାଏଲ ଓ ସାଉଦି ଆରବ ଉପରେ ବଡ଼ ବିପଦ!



ନୂଆଦିଲ୍ଲୀ,୧୫।୧୦: ଇରାନ ସମର୍ଥିତ ୟେମନର ହୁତି ବିଦ୍ରୋହୀମାନେ ଅତି ଆଧୁନିକ ବାଲାଷ୍ଟିକ୍ ମିସାଇଲ୍‌ଗୁଡ଼ିକର ବିକାଶ କରୁଛନ୍ତି। ଯାହା ସିଧାସଳଖ ସୌଦି ଆରବ ଏବଂ ଇସ୍ରାଏଲ ପର୍ଯ୍ୟନ୍ତ ମାଡ଼ ହେବାକୁ ସକ୍ଷମ। ବିଶ୍ୱଖ୍ୟାତ ଗଣମାଧ୍ୟମ 'ଦ ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍'ର ଏକ ସନସନେସନୋଇ ରିପୋର୍ଟରୁ ଏହି ବଡ଼ ଖୁଲାସା ସାମ୍ନାକୁ ଆସିଛି । ହୁତିମାନେ ନିର୍ମାଣ କରୁଥିବା ଏହି ଉନ୍ନତ ମାନର ମିସାଇଲ୍‌ଗୁଡ଼ିକରେ ଚୀନ୍ରୁ ପଠାଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରଞ୍ଜାମ ଓ ଉପାଦାନ ବ୍ୟବହାର କରାଯାଉଛି। 'କନଫ୍ଲିକ୍ଟ ଆର୍ମାମେଟ୍ ରିସର୍ଚ୍ଚ (ଉଇଜ) ର ଏକ ତଥ୍ୟାନୁସାରେ, ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଇରାନର 'ଖେବର ଶେକନ୍' ମିସାଇଲ୍ ଉପରେ ଆଧାରିତ।ଏହା ଏକ ସଠିକ୍ ଭାବେ ନିର୍ଦ୍ଦେଶିତ ବାଲାଷ୍ଟିକ୍ ମିସାଇଲ୍, ଯାହା ଶତ୍ରୁର ଏୟାର ଡିଫେନ୍ସ ସିଷ୍ଟମ୍କୁ ଚକମା ଦେବା ପାଇଁ ନିଜର ଦିଗ ବଦଳାଇବାର କ୍ଷମତା ରଖେ । ଏହି ଡିଜାଇନରେ ପ୍ରସ୍ତୁତ ମିସାଇଲ୍ ପାଖାପାଖି ୧,୨୦୦ ମାଇଲ୍ ପର୍ଯ୍ୟନ୍ତ ଯାଇପାରେ।ଏହାଦ୍ୱାରା ସମ୍ପୂର୍ଣ୍ଣ ସୌଦି ଆରବ ଏବଂ ଇସ୍ରାଏଲ ସିଧାସଳଖ ଏହାର ପରିସର ମଧ୍ୟକୁ ଆସିଯାଉଛନ୍ତି। ଚଳିତ ଜୁଲାଇ ମାସରେ ୟମନ ଅଧିକାରୀମାନଙ୍କ ଦ୍ୱାରା ଜବତ ହୋଇଥିବା ଦୁଇଟି କଂଟେନରର ତଥ୍ୟକୁ ଆଧାର କରି ଉଇଜ ଏହି ରିପୋର୍ଟପ୍ରସ୍ତୁତ କରିଛି । ମିସାଇଲ୍ ସହ ଜଡ଼ିତ ମୂଲ୍ୟବାନ ଉପକରଣଗୁଡ଼ିକୁ ଅନ୍ୟାନ୍ୟ ସାମଗ୍ରୀ ଭିତରେ ଅତି ଚତୁରତାର ସହ ଲୁଚାଇ ପଠାଯାଇଥିଲା । ଏଥିରେ ମିସାଇଲ୍ ମୋଟର, ଏୟାରଫ୍ରେମ ପାଇଁ କଷ୍ଟମ୍ ମେଟାଲ୍ କମ୍ପୋନେଟଂସ୍, ଉଡ଼ାଣ ସମୟରେ ସ୍ଥିରତା ବଜାୟ ରଖିବା ପାଇଁ ଫିନ୍ସ ଏବଂ ସଲିଡ୍-ପ୍ରୋପେଲାଟଂ ରକେଟ୍ ମୋଟରର ପାର୍ଟସ୍ ସାମିଲ ରହିଛି । ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ସାଉଦି ଆରବ ଉପରେ ହୁତିମାନଙ୍କ ଆକ୍ରମଣ ବୃଦ୍ଧି ପାଇଛି । ଏହା ସହିତ ହୋର୍ମୁଜ୍ ପ୍ରଣାଳୀରେ ଇରାନର ସକ୍ରିୟତା କାରଣରୁ ବିଶ୍ୱ ବଜାରରେ ତେଲ ଦର ବଢ଼ିବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ହୁତି ବିଦ୍ରୋହୀମାନଙ୍କ ଏଭଳି ଆଚରଣକୁ କଡ଼ା ନିନ୍ଦା କରିଛନ୍ତି । ସିଫି ଡକ୍ୟୁମେଟଂଗୁଡ଼ିକରୁ ଜଣାପଡ଼ିଛି ଯେ ଏହି ସବୁ ସାମଗ୍ରୀ ପଛରେ ଚୀନର ଜଣେ ଏରୋସ୍ପେସ୍ ବିଶେଷଜ୍ଞ ପ୍ରିସିଜନ୍-ମେଟାଲ୍ ଉତ୍ପାଦକଙ୍କ ହାତ ରହିଛି ।

## ସ୍ୱତନ୍ତ୍ର କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଉତର କୋରିଆ



ପେୟାଙ୍ଗୟାଙ୍ଗ,୧୫/୧୦: ଉତର କୋରିଆ ବୁଡ଼ାଜାହାଜରୁ ଏକ ସ୍ୱତନ୍ତ୍ର କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଉତର କୋରିଆର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ଦେଶର ପୂର୍ବ ସମୁଦ୍ରରେ ସାମରିକ ବାହିନୀ ଦୁଇ ପ୍ରକାରର କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ରିପୋର୍ଟରେ ଏହି ଅସ୍ତ୍ରଗୁଡ଼ିକୁ ରଣନୈତିକ ଭାବରେ ବର୍ଣ୍ଣନା କରାଯାଇଛି, ଯାହାର ଅର୍ଥ ହୋଇପାରେ ଯେ, ଏଗୁଡ଼ିକ ପରମାଣୁ ଯୁଦ୍ଧାସ୍ତ୍ର ସହିତ ସଜ୍ଜିତ ହୋଇପାରେ। କ୍ଷେପଣାସ୍ତ୍ର ବୁଡ଼ାଜାହାଜରୁ ନିକ୍ଷେପ କରାଯାଇଥିଲା କି ପାଣି ତଳେ ଥିବା ପରୀକ୍ଷଣ ପ୍ଲାଟଫର୍ମରୁ ପରୀକ୍ଷଣ କରାଯାଇଛି ଏହା ସ୍ପଷ୍ଟ ହୋଇନାହିଁ। ଉନ୍ନର କୋରିଆର ସରକାରୀ ଗଣମାଧ୍ୟମ କହିଛି, ପରୀକ୍ଷଣର ଲକ୍ଷ୍ୟ ଦେଶର ପାଣିତଳ ଯୁଦ୍ଧ ପ୍ରଣାଳୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ସଂଗ୍ରହ କରିବା। ଦକ୍ଷିଣ କୋରିଆର ସେନା ଏହି ପରୀକ୍ଷଣ ଉପରେ କୌଣସି ମନ୍ତବ୍ୟ ଦେଇନାହିଁ। ମାତ୍ର ଉନ୍ନର କୋରିଆର ଲଗାତାର କ୍ଷେପଣାସ୍ତ୍ର ପରୀକ୍ଷଣ ଜାରି ରହିଥିବାରୁ ଦକ୍ଷିଣ କୋରିଆର ଚିନ୍ତା ବଢ଼ିବାରେ ଲାଗିଛି।

## ନୂଆ ରାଜ୍ୟପାଳଙ୍କ ବିବୃତିକୁ ନବୀନଙ୍କ ସମାଲୋଚନା

### ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା କରି ନିଜ ଦାୟିତ୍ୱ ତୁଲାଇବାକୁ ପରାମର୍ଶ



ଭୁବନେଶ୍ୱର,୧୫/୧୦(ନି/ପ୍ର): ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ବ୍ରଜମୋହନ ରାମଙ୍କୁ ନିଯୁକ୍ତି ମିଳିଛି । ମଙ୍ଗଳବାର ରାଷ୍ଟ୍ରପତି ଭବନ ପକ୍ଷରୁ ତାଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ବାହାରିଛି । ଓଡ଼ିଶାରେ ବିଜେପି ସଂଗଠନକୁ ସୁଦୃଢ଼ କରିବେ ବୋଲି ସେ ଦେଇଥିବା ମନ୍ତବ୍ୟକୁ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସମାଲୋଚନା କରିଛନ୍ତି । ନବୀନ ଏକ୍ସରେ ଲେଖିଛନ୍ତି, ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ମନୋନୀତ ବ୍ରଜ ମୋହନ ରାମ ଜୀଙ୍କୁ ହାର୍ଦ୍ଦିକ ସ୍ୱାଗତ । ଦଳୀୟ କାମ କରିବାକୁ ତାଙ୍କୁ ମନୋନୀତ କରାଯାଇଛି । ରାଜ୍ୟପାଳଙ୍କ ଉତ୍ସାହକୁ ଓଡ଼ିଶାବାସୀ ଦେଖୁଛନ୍ତି ବୋଲି ସେ କଟାକ୍ଷ କରି ଲେଖିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ଓଡ଼ିଶାବାସୀଙ୍କ ସେବା କରିବାକୁ ଉତ୍ସାହ ଓ ଶକ୍ତି ଦିଅନ୍ତୁ। ଏହାଦ୍ୱାରା ସେ ନିରପେକ୍ଷ ଭାବେ ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା କରି ନିଜ ଦାୟିତ୍ୱ ତୁଲାଇବେ ବୋଲି ନବୀନ ଲେଖିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟପାଳଙ୍କ ସାମ୍ବିଧାନିକ ଦାୟିତ୍ୱ ହେଉଛି ନିରପେକ୍ଷ ଭାବେ ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରିବା। ରାଜନୈତିକ ଦଳର ନିର୍ବାଚନୀ ସ୍ୱାର୍ଥକୁ ଆଗକୁ ବଢ଼ାଇବା ତାଙ୍କ ଦାୟିତ୍ୱ ନୁହେଁ । ସାମ୍ବିଧାନିକ ପଦବି ସବୁବେଳେ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ ।


**ଆବଶ୍ୟକ**

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com




## କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


# ଆନନ୍ଦପୁରରେ ଗୋରୁ ଚୋରି ଅଭିଯୋଗ : ୩ ଅଭିଯୁକ୍ତ ଗିରଫ, ସିସିଟିଭିରୁ ମିଳିଲା ସୁରାକ୍




ଆନନ୍ଦପୁର,୧୫/୧୦(ନି/ପ୍ର) : ଆନନ୍ଦପୁର ସହରରୁ ଗୋରୁ ଚୋରି ଅଭିଯୋଗରେ ତିନିଜଣ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜଜିଲ୍ଲା ଯଶିପୁର ଥାନା ପୁରୁଣା ବଜାରର ମହମ୍ମଦ ସାହାବାଜ୍ (୩୨),ଯଶିପୁର ଥାନା ଧୋବାଡିଆର ମହମ୍ମଦ ରେହାନ୍ (୧୯), ରାଇରଙ୍ଗପୁର ଥାନା ଟେଂଟପସିର ସେକ୍ ନାଜିର (୨୭) କ୍ଷ ଏନେଇ ଆନନ୍ଦପୁରର ହାଡିବନ୍ଧୁ ଖୁଟିଂଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ, ଗତ ଅଗଷ୍ଟ ୨୯/୩୦ତାରିଖ ରାତିରେ ତିନି ଜଣ ଅଜଣା ବ୍ୟକ୍ତି ଆନନ୍ଦପୁର ବ୍ଲକ୍ ରୋଡ୍‌ରୁ ଏକ ଚାରି ଚକିଆ ଗାଡ଼ି ଯୋଗେ ଗୋରୁ ଚୋରି କରିଥିଲେ, ଯାହା ସିସିଟିଭିରେ କଏଦ ହୋଇଥିଲା । ଆନନ୍ଦପୁର ପୁଲିସ୍ ବ୍ୟାପକ ତଦନ୍ତ ଓ ସିସିଟିଭି ଯାଚଂ ପରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଆନନ୍ଦପୁର ଥାନା ମାମଲା ନଂ ୨୪୧ ତା ୦୫.୦୯.୨୦୨୬ ଧାରା ୩୦୩(୨) ବିଏନଏସ୍ ଅନୁସାରେ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଆନନ୍ଦପୁର ଏସ୍ଡିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

# ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୫/୧୦(ନି/ପ୍ର) :ସୁଦର୍ଶନ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅଧିନସ୍ଥରେ ଆଜି ସୁଦର୍ଶନ ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ମଦନ ମୋହନ କର ସହ ଶିକ୍ଷା ଅଧିକାରୀ ଦେବଦତ ଶତପଥୀ ଖଗେଶ୍ୱର ନାୟକ ଆଂଚଳିକ ସାଧନ କର୍ମୀ ଅକ୍ଷୟ କୁମାର ପୋଥାଳ ଓ ଚକ୍ରଧର ନାୟକ ପ୍ରଧାନ ଶିକ୍ଷକ ଏବଂ ସୁଦର୍ଶନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କନକଲତା ରାଉତ ସଭାପତିତ୍ୱରେ ଆଂଚଳିକ ସାଧନକେନ୍ଦ୍ରର ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଭାଗ ନେଇଥିଲେ ଗୁଆଲସିଂ ପଂଚାୟତର ସରପଂଚ ମଧୁସ୍ମିତା ଦାସ କୁନି କୁନି ପିଲାମାନଙ୍କୁ ସୁରଭି ବିଷୟରେ କହିଥିଲେ ଏବଂ ଦେବଦତ ଶତପଥୀ ଉଦଘାଟନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦର ଅଭିଭାଷଣ ଦେଇଥିଲେ ସର୍ବଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଂଟନ କରିଥିଲେ ସୁରଭି କାର୍ଯ୍ୟକ୍ରମରେ ପଂଚସଖା ସଭାପତି କାଙ୍ଗାଳି ଚରଣ ବାରିକ, ଗୌରଙ୍ଗ ଚରଣ ସାହୁ, ସ୍କୁଲ କମିଟିର ସଭାପତି ବ୍ରଜସୁନ୍ଦର ସେଠି, ଶିକ୍ଷକ ରାମଚନ୍ଦ୍ର ବେହେରା, ଧିରେନ ରାଉଳ, ରବୀନ୍ଦ୍ର ଦାସ, ଗୀତାଞ୍ଜଳି ରାଉତ, ଲକ୍ଷ୍ମୀପ୍ରିୟା ଖଟୁଆ, ଅନସୁୟା ପଲାଇ, ପ୍ରକାଶ ପ୍ରାଣୀଗ୍ରାହୀ, ମାନସ ରଞ୍ଜନ ସାହୁ, ଶୁଭମ ଦାସ, ନିଶିକାନ୍ତ ଦାସ, ନିର୍ଦ୍ଦେଶକ ଓ ସୁକଦେବ ପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ବିଚାରପତି ଭାବେ ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଆଜିର ସଭାକୁ ଆଂଚଳିକ ସାଧନକର୍ମୀ ଅକ୍ଷୟ କୁମାର ପୋଥାଳ ସୁଚାରୁ ରୂପେ ସୁରଭି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିବାରୁ ସମସ୍ତେ ଖୁସି ହୋଇଥିଲେ । ମଣ୍ଡଳ ଶିକ୍ଷା ଅଧିକାରୀ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଂଟନ କରିଥିଲେ ଏବଂ ଆଂଚଳିକ ସାଧନ କେନ୍ଦ୍ରର ଯେଉଁ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

### ବାରହା ମାଂସ ନେଇ ଜଙ୍ଗଲରୁ ଫେରୁଥିବା ବେଳେ ମାଡ଼ି ବସିଲା ବନ ବିଭାଗ

# ୨୦ କେଜି ମାଂସ ଜବତ, ୧ ଗିରଫ

ହରିଚନ୍ଦନପୁର,୧୫/୧୦(ନି/ପ୍ର) :କେନ୍ଦୁଝର ଜିଲ୍ଲା ସଦର ରେଞ୍ଜ ଅନ୍ତର୍ଗତ ଜଘିରା ସେକ୍ସନ୍ ପିଠାଗୋଳା ଫରେଷ୍ଟ ବିଟ୍ ଅଧିନସ୍ଥ କଳାପାଟ ଜଙ୍ଗଲରୁ ବାରହା ଶିକାରୀକୁ ଗିରଫ କରିବା ସହ ତା' ଠାରୁ ୨୦ କେଜି ମାଂସ ଜବତ କରିଛି ବନ ବିଭାଗ । ସୂଚନା ମୁତାବକ, ରବିବାର ରାତିରେ ପିଠାଗୋଳା ବନରକ୍ଷୀ ଦୀଲିପ କୁମାର ମହାନ୍ତ ଏବଂ ତାଙ୍କ ସହ କେତେଜଣ ସ୍କ୍ୱାର୍ଡ ଜଙ୍ଗଲରେ ପହରା ଦେଉଥିବା ସମୟରେ ବାରହା ଶିକାରୀ ଥିବାର ଖବର ପାଇ କଳାପାଟ ସଂରକ୍ଷିତ ଜଙ୍ଗଲରେ ପହଂଚି ଥିଲେ । ସେଠାରେ ପିଠାଗୋଳା ଗ୍ରାମର ରମେଶ ମୁଣ୍ଡା ଏକ ଅଖା ବସ୍ତାରେ ୨୦ କେଜିରୁ ଉର୍ଦ୍ଧ ମାଂସ ନେଇ ଫେରୁଥିବାର ଦେଖିବାକୁ ପାଇଥିଲେ । ରମେଶକୁ ସେଠାରେ ଅଟକ ରଖି ଜଘିରା ବନପାଳ କୌଶଲ୍ୟା ମହାନ୍ତଙ୍କୁ ଖବର ଦେଇଥିଲେ । ଖବର ପାଇ ବନପାଳଙ୍କ ସମେତ ଜଘିରା ବନରକ୍ଷୀ ଶାନ୍ତିଲତା ମୁଣ୍ଡାରୀ, ପ୍ରଯୁକ୍ତା ଜେନା କଳାପାଟ ଜଙ୍ଗଲରେ ପହଂଚି ଜବତ ମାଂସ ସହ ରମେଶଙ୍କୁ ଜଘିରା ବନପାଳଙ୍କ କାର୍ଯ୍ୟାଳୟକୁ ଆଣିଥିଲେ । ରମେଶ ମୁଣ୍ଡାଙ୍କୁ ଗିରଫ ସହ ତାଙ୍କ ନାମରେ କେଶ୍ ନଂ ୧୭ ଅନୁଯାୟୀ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଡାଲି ଜାତୀୟ ଫସଲରେ କୃଷକ ତାଲିମ ଶିବିର

ଚମ୍ପୁଆ,୧୫/୧୦(ନି/ପ୍ର) :ଚମ୍ପୁଆ ବ୍ଲକର ବିଭିନ୍ନ ସ୍ଥାନରେ କୃଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଡାଲିଜାତୀୟ ଫସଲରେ ଆତ୍ମ ନିର୍ଭରତା ଅଭିଯାନ ଯୋଜନାରେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୨୨ଗୋଟି ଗ୍ରାମପଂଚାୟତର ୪୦ ଗ୍ରାମରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତି ତାଲିମ ଶିବିରରେ ୩୦ ଜଣ ଲେଖାଏଁ କୃଷକଙ୍କୁ କୃଷି ତାଲିମ ପ୍ରଦାନ କରାଯାଉଛି । ଏଥିରେ ଅଭିଜ୍ଞ କୃଷି ଅଧିକାରୀ ଯୋଗଦାନ କରି କୃଷକମାନଙ୍କୁ ଡାଲି ଜାତୀୟ ଅର୍ଥକାରୀ ଫସଲର ଚାଷ ଓ ତାର ଉପକାରିତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ଉକ୍ତ ତାଲିମ ଶିବିରଗୁଡିକରେ ଏଡିଓ ଚମ୍ପୁଆ ନନ୍ଦିତା ଜେନା, ସହକାରୀ କୃଷି ଅଧିକାରୀ ବିଶେଶ୍ୱର ହେମ୍ବ୍ରମ, ବ୍ଲକ କୃଷି ଅଧିକାରୀ ଅବିନାଶ ବେହେରା, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ରମାମଣି ସାହୁ, ଯୋଡା ବ୍ଲକ କୃଷି ଅଧିକାରୀ ସଂଯୁକ୍ତ ମୁଣ୍ଡା, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଯୋଡା ଦେବବ୍ରତ ମିଶ୍ର, ବ୍ଲକ କୃଷି ଅଧିକାରୀ ଝୁମ୍ପୁରା ସୁମନସ୍ମିତା ତରାଇ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଝୁମ୍ପୁରା ରୁଦ୍ରମାଧବ ନାଏକ ଆଦି ଚମ୍ପୁଆ ଉପଖଣ୍ଡ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ ।

# ବାର୍ଦ୍ଧକ୍ୟ ଭତା ପ୍ରଦାନରେ ବିଳମ୍ବ, ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ନୟାନ୍ତ ହିତାଧିକାରୀ

ଦଶପଲ୍ଲା,୧୫/୧୦(ନି/ପ୍ର) :'ଛଅ ଟଙ୍କାର ଦାନାକୁ ନଅ ଟଙ୍କାର ଘୋଡ଼ା' ନ୍ୟାୟରେ ଭତ୍ତାଧାରୀଙ୍କ ଜୀବନ ହୋଇଛି । ହଜାରେ ଟଙ୍କା ଭତ୍ତା ପାଇଁ ବ୍ୟାଙ୍କକୁ ଏକାଧିକ ଥର ଅଟୋ ଭଡ଼ାକରି ଯିବା ପାଇଁ ଭତ୍ତା ଅର୍ଥର ଅଧାଅଧି ଖର୍ଚ୍ଚ ହୋଇଯାଉଛି । ଏଭଳି ଅବ୍ୟବସ୍ଥାର ପ୍ରତିବାଦରେ ଆଜି ବାର୍ଦ୍ଧକ୍ୟଭତ୍ତାଧାରୀମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଭତାଧାରୀଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ପ୍ରତି ମାସର ୧୫ ତାରିଖ ଦିନ ସିଧାସଳଖ ହାତକୁ ଭତାଟଙ୍କା ଆସୁଥିଲା । ହେଲେ ବ୍ୟାଙ୍କ ବ୍ୟବସ୍ଥା ହେବା ଦିନଠାରୁ କୌଣସି ମାସରେ ଠିକ୍ ଭାବେ ଭତା ମିଳୁନି । ଚାହୁଁଚାହୁଁ ଏବେ ୩ ମାସ ବିତି ଗଲାଣି । ଯାହାକୁ ପଚାରିଲେ ଠିକ୍ ଉତର ମିଳୁନି । ଏଭଳି ସ୍ଥିତିରେ ଥରକୁ ୨ଶହ ଟଙ୍କା ଅଟୋଭଡ଼ା କରି ବ୍ୟାଙ୍କକୁ ଆସି ପୁଣି ନିରାଶ ହେବାକୁ ପଡୁଛି । ଆଜିକାଲି ଚାହିଁଚାହିଁ ୩ ମାସ ଭିତରେ ୫ରୁ ୭ଥର ବ୍ୟାଙ୍କକୁ ଧାଇଁଲୁଣି । ଏବେ ଆଉ କୌଣସି ଉପାୟ ନାହିଁ । ହାତରେ ଟଙ୍କା ମଧ୍ୟ ନାହିଁ । ଭତ୍ତା ମିଳିବା ଯାଏଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୋଇ ରହିବୁ ବୋଲି ହିତାଧିକାରୀମାନେ ଅଡ଼ି ବସିଥିଲେ । ଧାରଣା ଦେଇଥିବା ହିତାଧିକାରୀମାନେ ହେଲେ, ଡିହଗାଁ ପଚାଂୟତ ଗଉଡ଼ ପଙ୍କାଳସାହି ଗ୍ରାମର ସନ୍ଧାରି ବେହେରା, ରାଜନ ବେହେରା, ବୁଲି ବେହେରା, ଭାସ ପରିଡ଼ା, ଡିହଗାଁ ଗ୍ରାମର ଶ୍ୟାମ ସୁନ୍ଦର ରଣା, ବାମଦେବ ରଣା, ଶିଶୁଳା ରଣା, ଖମାରସାହି ପଚାଂୟତ କଉଡ଼ା ଗ୍ରାମର ଭାମା ପ୍ରଧାନ । ଶେଷରେ ବିଡିଓ ଶରତ କୁମାର ମଲିକ ପହଚିଂ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ସଫ୍ଟୱେୟାର୍ ଅପ୍‌ଡେଟ୍ ପାଇଁ ଭତା ଆସିବାରେ ବିଳମ୍ବ ହେଉଥିବା ବେଳେ ଖୁବଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ହିତାଧିକାରୀମାନେ ଘରକୁ ଫେରିଛନ୍ତି । ପୂର୍ବରୁ ଉଭୟ ଓ ରାଜ୍ୟ ସରକାରଙ୍କ ଭତ୍ତା ଯୋଜନାରେ ହିତାଧିକାରୀମାନେ ମାସର ୧୫ ତାରିଖ ଦିନ ଭତା ପାଉଥିଲେ । ଏବେ ମଧୁବାବୁ ପେନସନ୍ ଯୋଜନାରେ ଭତା ପାଉଥିବା ହିତାଧିକାରୀଙ୍କୁ ସିଧାସଳଖ ହାତକୁ ଟଙ୍କା ଦିଆଯାଉଥିବା ବେଳେ ଇନ୍ଦିରା ଗାନ୍ଧୀ ପେନସନ୍ ଯୋଜନାରେ



ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସୁଛି । ବ୍ଲକର ୨୦ ଗୋଟି ପଚାଂୟତରେ ମଧୁବାବୁ ପେନସନ୍ ଯୋଜନାରେ ୮୩୮୯ ଜଣ ଓ ଇନ୍ଦିରା ଗାନ୍ଧୀ ପେନସନ୍ ଯୋଜନାରେ ୫୩୧୦ ଜଣ ହିତାଧିକାରୀ ରହିଛନ୍ତି ।

# ଦୁଇ ବିଦ୍ୟାଳୟରୁ ଚୋରି

ଭଦ୍ରକ,୧୫/୧୦(ନି/ପ୍ର) :ଏହି ଜିଲାର ଧାମନଗର ଏବଂ ଭଦ୍ରକ ବ୍ଲକର ଦୁଇଟି ବିଦ୍ୟାଳୟରୁ ଚୋରି ହୋଇଛି ।ରବିବାର ରାତିରେ ଧାମନଗର ବ୍ଲକ ଗୋବିନ୍ଦପୁର ପଂଚାୟତ ଅଧୀନ ଅଜମତପୁର ପ୍ରାଥମିକ ବିଦ୍ୟାଳୟ ସମେତ ଭଦ୍ରକ ବ୍ଲକ ବିଷ୍ଣୁପୁର ବିନ୍ଧା ପଂଚାୟତସ୍ଥିତ ଗଞ୍ଜାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ କକ୍ଷର ତାଲା ଭଙ୍ଗାଯାଇ ଦୁର୍ବୃତମାନେ ଚାଉଳ ଚେୟାର ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷପତ୍ର ଚୋରି କରି ନେଇଥିବା ଜଣାଯାଇଛି ।ସେହିପରି ଗଞ୍ଜାମାଳ ସ୍କୁଲ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ର ତାଲା ଭାଙ୍ଗି ଅଣ୍ଡା ଚାଉଳ ଆଦି ମଧ୍ୟ ଚୋରି ହୋଇଛି ।ଏହା ଜଣାପଡିବା ପରେ ସ୍କୁଲ କର୍ତୃପକ୍ଷଙ୍କ ଅଭିଯୋଗ ଗ୍ରହଣ କରି ପୃଥକ ଭାବେ ଧୂଷୁରୀ ଥାନା ଓ ଗୁଜିଦରଡ଼ା ଫାଣ୍ଡି ପୁଲିସ ପକ୍ଷରୁ ଅନୁସନ୍ଧାନ କରାଯାଇଛି ।ସମାନ ରାତିରେ ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ କଲେଇ ପଂଚାୟତ ମଙ୍ଗଳାପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିଲା ବେଳେ ଏକ ହଳଦିଆ ରଙ୍ଗର ମ୍ୟାଜିକ କିମ୍ବା ପିକଅପ ଭଳି ଗାଡ଼ି ଆସିବା ଏବଂ ସ୍କୁଲ ନିକଟରେ ରହୁଥିବା ସିସିଟିଭି ଫୁଟେଜରୁ ଜଣାଯାଇଛି ।ଏହାକୁ ଠାବ କରାଗଲେ ଚୋରି ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।ନିକଟବର୍ତୀ ଅଂଚଳରେ ବେଆଇନ ନିଶା ଡ୍ରଗ୍ସ କାରବାର ଚାଲୁଥିବାରୁ ଚୋରି ଭଳି ଅସାମାଜିକ କାର୍ଯ୍ୟକଳାପ ବଢୁଥିବା କୁହାଯାଇଛି ।



ପିଏମଶ୍ରୀ ଝାଡ଼େଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଡ଼.ଆଲୋକ କୁମାର ରଣାଙ୍କ ସଭାପତିତ୍ୱରେ "ଓଷ୍ଟା" ଆନନ୍ଦପୁରର ସାମ୍ବାଧାନିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା

# ସୁରଭି କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନ,୧୫/୧୦(ନି/ପ୍ର) :ଢ଼େଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ବିରାଶାଳ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗତ ୧୨ ତାରିଖରେ ବନ୍ଦାଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଙ୍କଡ଼ାହାଡ଼ ବ୍ଲକ୍ ଅଧକ୍ଷା ଶ୍ରୀମତୀ ଚାରୁଲତା ମିଶ୍ର ଓ ମୁଖ୍ୟ ବକ୍ତା ଭାବରେ ସମାଜସେବୀ ରମେଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିବାବେଳେ ଉଦଯାପନ ଉତ୍ସବରେ ବିରାଶାଳ ସରପଂଚ ଶ୍ରୀମତୀ ରୁକ୍ମିଣୀ ସେଠୀ ଓ ସମାଜସେବୀ ଅଭିମନ୍ୟୁ ସେଠୀ ଯୋଗଦେଇଥିଲେ । ଏହି ଉତ୍ସବରେ ଚଡେଇରଗଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି । ବିଶେଷ ଭାବରେ ପି ଏମ୍ ପୋଷଣ ଶିଳ୍ପକଳାରେ ବିଦ୍ୟାଳୟ ର ଚତୁର୍ଥ ଶ୍ରେଣୀର ଛାତ୍ର ସବ୍ୟସାଚୀ ଦେହୁରୀଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରକୁ ମନୋନୀତ ହୋଇଥିବା ବେଳେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ହୋଇଥିବା ।

# ମହାକାଳପଡ଼ାରେ ୧୪.୫ ଫୁଟ୍‌ର ବିରାଟକାୟ ଅଜଗର ଉଦ୍ଧାର



ମହାକାଳପଡ଼ା,୧୫/୧୦(ନି/ପ୍ର): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବତୀଘର ପଚାଂୟତର ବରକୋଳିଖୋଳା ଗ୍ରାମରୁ ଗତକାଲି ବିଳମ୍ବିତ ରାତିରେ ଏକ ବିରାଟକାୟ ଅଜଗର ସାପକୁ ବନ ବିଭାଗ ଉଦ୍ଧାର କରିଥିବା ଜଣାପଡିଛି । ସୂଚନାରୁ ପ୍ରକାଶ, ଗତକାଲି ରାତିରେ ବରକୋଳିଖୋଳା ଗ୍ରାମର ମଦନ ସାମନ୍ତଙ୍କ ଘର ପରିସରରେ ଏକ ସାଢେ ୧୪ ଫୁଟ ଲମ୍ବର ବର୍ମିଜ ପ୍ରଜାତିର ଅଜଗର ଯାଉଥିବା ଦେଖି ପରିବାର ଲୋକେ ବନବିଭାଗକୁ ଖବରଦେଇଥିଲେ । ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଚିଂ ମହାକାଳପଡ଼ାରେ ୧୪.୫ ଫୁଟ୍‌ର ବିରାଟକାୟ ବର୍ମିଜ୍ ଅଜଗର ଉଦ୍ଧାର, ସଂରକ୍ଷିତ ଜଙ୍ଗଲରେ ପହଚିଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଜଗରଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ବତୀଘର ସେକ୍ସନ ଅଫିସରେ ରଖାଯାଇଥିବା ବେଳେ ଏହାକୁ ଆଜି କଂସାରୀଡିଆ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଜମ୍ବୁ ରେଞ୍ଜର ଶାନ୍ତନୁ ଦଳାଇ ପ୍ରକାଶ କରିଛନ୍ତି ।

# ଶାରଦୀୟ କନ୍ୟାରତ୍ନ ବିଶେଷାଙ୍କ 'ଦିବ୍ୟାଂଶୀ' ଲୋକାର୍ପିତ

## 'କନ୍ୟା ସନ୍ତାନର ସ୍ୱୀକୃତି ଓ ସମ୍ମାନ ସାହିତ୍ୟର ଐଶ୍ୱର୍ଯ୍ୟ'

ଭଦ୍ରକ,୧୫/୧୦(ନି/ପ୍ର) : ଆମ ସଂସ୍କୃତିରେ କନ୍ୟା କେବଳ ମାତ୍ର ଜଣେ ସନ୍ତାନ ନୁହେଁ, ସେ ଏକ ପବିତ୍ର ସଂକଳ୍ପ, ସୃଷ୍ଟିର ସୂକ୍ଷ୍ମ ଅଭିବ୍ୟକ୍ତି ଓ ସାରସ୍ୱତ ଦର୍ପଣ । କାନ୍ତକବିଙ୍କ ମାଟି ତିହିଡ଼ିରେ କନ୍ୟାରତ୍ନକୁ ନେଇ ସ୍ୱତନ୍ତ୍ର ସାହିତ୍ୟିକ ଆଲୋଡ଼ନ ଜଗାଇବା କ୍ଷେତ୍ରରେ 'ଦିବ୍ୟାଂଶୀ' ଶାରଦୀୟ ବିଶେଷାଙ୍କ ଓଡ଼ିଆ ପତ୍ରପତ୍ରିକା ଜଗତ ପାଇଁ ଏକ ସାଧୁ ଉଦ୍ୟମ ବୋଲି ସ୍ଥାନୀୟ ମଙ୍ଗରାଜପୁର ସ୍ଥିତ ସେନାପତିସାହିରେ ଶାରଦୀୟ କନ୍ୟାରତ୍ନ ବିଶେଷାଙ୍କ 'ଦିବ୍ୟାଂଶୀ'ର ଶୁଭ ଉନ୍ମୋଚନ ସହିତ ଏକ ବର୍ଣ୍ଣାଢ଼୍ୟ କବିତାପାଠ ଓ ସାଂସ୍କୃତିକ ସମାରୋହରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । କବି ବିପ୍ଳବ ରଂଜନ ପତି, ଯୁବ ଗାଳ୍ପିକ ମନୋଜ କୁମାର ପାଣିଗ୍ରାହୀ ଓ ଡ. ଅମୂଲ୍ୟ ସେନାପତିଙ୍କ ମିଳିତ ମଂଚ ସଂଚାଳନାରେ ଅନୁଷ୍ଠିତ ଉତ୍ସବରେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବ ଉଦଘାଟିତ ହୋଇଥିଲା । ପରେ ପ୍ରବଚିକା ବିଶ୍ୱମୈତ୍ରୀ ନାୟକଙ୍କ ସଂଯୋଜନାରେ ବେଦମନ୍ତ୍ର ଧ୍ୱନି ମଧ୍ୟରେ ମାତୃପୂଜନ କରାଯିବା ସହ ମା' ପବ୍ଲିଶର୍ସ ପ୍ରକାଶିକା ସାବିତ୍ରୀ ଦ୍ୱିବେଦୀଙ୍କ ସହିତ ପରିବାରବର୍ଗ ଓ ଉପସ୍ଥିତ ମହିଳାମାନଙ୍କ ଦ୍ୱାରା ଭାବପୂର୍ଣ୍ଣ 'କନ୍ୟାଶ୍ରୀ ବନ୍ଦନା' କରାଯାଇଥିଲା । ଅଧ୍ୟାପିକା ସଂଯୁକ୍ତା ଭାରତୀ ଅତିଥିଭାବେ ଯୋଗଦେଇ କନ୍ୟା ବନ୍ଦନାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଅବନ୍ତି ପାଢ଼ୀ କନ୍ୟା ବନ୍ଦନା କବିତା ପାଠ କରିଥିବାବେଳେ ପୁରୋହିତ ବେଦ ପାଠ କରିଥିଲେ ।ମଂଚାସୀନ ବିଶିଷ୍ଟ ଅତିଥିମାନଙ୍କ କରକମଳରେ 'ଦିବ୍ୟାଂଶୀ'ର ଶାରଦୀୟ ସଂଖ୍ୟା ଲୋକାର୍ପିତ ହୋଇଥିଲା । ପତ୍ରିକାର ସମ୍ପାଦକ ଅଧ୍ୟାପକ ଡକ୍ଟର ବିଶ୍ୱରଂଜନ ଦାସ, ସହ ସମ୍ପାଦକ କବି ପି. ହୃଷୀକେଶ ଓ କାର୍ଯ୍ୟନିର୍ବାହୀ - ସମ୍ପାଦକ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା 'ବେଦପୀୟୂଷ'ର ସମ୍ପାଦକ ତଥା ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ସୃଜନଶୀଳତା, କନ୍ୟାରତ୍ନ ଓ ସାଂପ୍ରତିକ ସମାଜ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପଦେଷ୍ଟା ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀ, ତ୍ୟାଗଭୂମି ସଭାପତି ଅଜୟ ନାୟକ, କବି ଦୀନବନ୍ଧୁ ପତି, ସାହିତ୍ୟିକ ବିଭୂତି ଭୂଷଣ ସେନାପତି,ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ ଓ ସଞ୍ଜିତ କୁମାର ବଳ,ଇଂ ଅଭୟ କୁମାର ସୁତାର,ଶିକ୍ଷାବିତ୍ ସୋମନାଥ ପାଢ଼ୀ, ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, ସାମ୍ବାଦିକ ରାମନାରାୟଣ ନାୟକ,ସାମ୍ବାଦିକ ଜ୍ଞାନପ୍ରକାଶ ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଏକ ମନୋଜ୍ଞ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ରବିକୁମାର ମହାନ୍ତି, ଭଗବାନ ପାଣିଗ୍ରାହୀ, ମୁକୁନ୍ଦଦେବ ନାୟକ,କବି ଗୋଲକ ପ୍ରସାଦ ବୈୟାରୀ , ମଥୁରା ମୋହନ ବେହେରା,ବାବୁରାମ ରାଉତ, ବୈକୁଣ୍ଠନାଥ ଓଝା,ଗଙ୍ଗାଧର ଦତ, ଦେବେନ୍ଦ୍ରନାଥ ମହାଳିକ,ନରହରି ନାୟକ ପ୍ରମୁଖ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ପତ୍ରିକା ମୁଖ୍ୟ ପରିଚାଳକ ତଥା ତିହିଡ଼ି 'ମା ଗ୍ରାଫିକ୍ସ'ର ସତ୍ତ୍ୱାଧିକାରୀ ବିକାଶ ରଂଜନ ସେନାପତି ସମସ୍ତ ଅତିଥି, କବି ଓ ଉପସ୍ଥିତ ସାହିତ୍ୟାନୁରାଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ କୁଳମଣି ସାହୁ,ଅକ୍ଷୟ କୁମାର ବ୍ରହ୍ମ,ସୁଧାଂଶୁ ମାହୁନ୍ତ, ଆଶୁତୋଷ କରଣ , ନୋଟାରିୟାନ ସୂର୍ଯ୍ୟ ରଞ୍ଜନ ମିଶ୍ର, ଅଧ୍ୟାପକ ନାରାୟଣ ପୃଷ୍ଟି,ସାମ୍ବାଦିକ ପ୍ରଭାତ ରାଉଳ, ମନୋଜ ସେନାପତି, ଚନ୍ଦ୍ର କାନ୍ତ ମହାନ୍ତି,ବଳରାମ ପାଢ଼ୀ, ଆଇନଜୀବୀ ବିଷ୍ଣୁ ଦାଶ,ତପନ ମିଶ୍ର,ତୁଷାର ନାୟକ,ନଳିନୀ କାନ୍ତ ନାୟକ ଓ ସତ୍ୟବ୍ରତ କୁଣ୍ଡ ପ୍ରମୁଖ ବହୁ ବୁଦ୍ଧିଜୀବୀ,ସାହିତ୍ୟିକ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ଜୟପୁର,୧୫/୧୦(ନି/ପ୍ର): ଜୟପୁର ବ୍ଲକ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଂଚଳିକ ସାଧନ କେନ୍ଦ୍ରରେ ସୁରଭି- ୨୦୨୬ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକା ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପାଇକସାହି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ମହା ଆଡମ୍ବରରେ ପାଳିତ ହୋଇସାରିଛି । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ଗୋଷ୍ଠୀଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ କେ. ଗୋପାଳ ଏବଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ପାଇକସାହି ୱାର୍ଡ- ୨ର କାଉନସିଲର ଅଜିତ ବେହେରା ଓ କାଳିଆ ଗାଁ ସି ଆର ସି ସି ରାମେଶ୍ୱର ପଣ୍ଡା । ପାଇକସାହି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଗତିଶୀଳ ହୋଇଥିଲା । ଅତିଥିମାନଙ୍କ ଦ୍ୱାରା ପରମପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଶିଶୁମାନଙ୍କୁ ସ୍ୱାଗତ ସଙ୍ଗୀତ ଉତ୍ସର୍ଗ କରାଯାଇଥଲା ଯାହାକୁ ଗାନ କରିଥିଲେ ସାଧନ କେନ୍ଦ୍ରର ଶିକ୍ଷୟିତ୍ରୀ ରାଧାରାଣୀ ସାହୁ ଓ ମଧୁସ୍ମିତା ପାଣିଗ୍ରାହୀ । ମୁଖ୍ୟ ଅତିଥୀଙ୍କ ଅଭିଭାଷଣ ପରେ ମହାଶୟଙ୍କ ଦ୍ୱାରା ପ୍ରତିଯୋଗିତା ଅନୁଷ୍ଠିତ କରିବା ପାଇଁ ନିର୍ଦ୍ଦେଶ ଦେଇଁ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା । ପରେ ପରେ ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରମାନଙ୍କ ତତ୍ତ୍ୱାବଧାନରେ ବରିଷ୍ଠ, କନିଷ୍ଠ, ଭିନ୍ନକ୍ଷମ ଓ ସର୍ବ କନିଷ୍ଠ ବିଭାଗରେ ତର୍କ, ପ୍ରବନ୍ଧ, ବକ୍ତୃତା, ସୃଜନଶୀଳ ଲିଖନ, ଶ୍ରୁତଲିଖନ, କୁଇଜ, ଗଳ୍ପ କଥନ, ଗଣିତ ଖେଳ, ଗଣିତ କୁଇଜ, ଚିତ୍ରାଙ୍କନ, ଶିଳ୍ପକଳା, ଚିତ୍ରକଳା, ସଙ୍ଗୀତ, ଏବଂ ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ଛାତ୍ରଛାତ୍ରମାନଙ୍କୁ ଦ୍ୱିତୀୟ ଅଧିବେଶନ ଶେଷରେ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଅତିଥି ଭାବରେ ଯୋଗଦେଇଥିଲେ ଗୋଷ୍ଠୀଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବରିଷ୍ଠ କର୍ମକର୍ତା ଶଶୀଭୂଷଣ ଦାଶ, ଅମର ମିଶ୍ର, ନିରଞ୍ଜନ ପାଣିଗ୍ରାହୀ, କାହ୍ନୁ ଚରଣ ମହାଭୋଇ । ଉକ୍ତ କାର୍ଯ୍ୟକ୍ରମରେ ସାଧନକେନ୍ଦ୍ରର ସମସ୍ତ ବିଦ୍ୟାଳୟର ୧୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ । ପରିଶେଷରେ ସାଧନ କେନ୍ଦ୍ରର ସଂଯୋଜିକା ବିଜୟଲକ୍ଷ୍ମୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ ।

# ବିବିଧା

## ଆଜିର ରାଶିଫଳ

ମେଷ: ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

ମିଥୁନ: କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

କର୍କଟ: ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

କନ୍ୟା: ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

ତୁଳା: ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ବିଛା: ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

ଧନୁ: ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

ମୀନ: ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୭- ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ଦେହାନ୍ତ।
- ୧୯୫୭- ଭାରତୀୟ ପୋଲୋ ଟିମ୍ ବିଶ୍ୱକପ୍ ଜିତିଲା।
- ୨୦୦୩- ମୁମ୍ବାଇରେ ହୋଇଥିବା ଏକ କାର୍ ବିସ୍ଫୋରଣରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଓ ୧୫୦ରୁ ଅଧିକ ଲୋକ ଆହତ।
- ୨୦୧୨- ଚନ୍ଦ୍ରପୃଷ୍ଠରେ ପ୍ରଥମ ଥର ପାଦ ଦେଇଥିବା ଆମେରିକୀୟ ମହାକାଶଚାରୀ ନୀଲ୍ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ବିୟୋଗ।
- ୨୦୧୩- ବିଶିଷ୍ଟ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ପରଲୋକ।

### ଆଜି ଆସିଥିଲେ

## ସାରସ୍ୱତ ସାଧକ ରତ୍ନାକର ଚଇନି



ଡ. ରତ୍ନାକର ଚଇନି ଜଣେ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟିକ, ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ, ସମାଲୋଚକ ଏବଂ ଶିକ୍ଷାବିତ୍ ଥିଲେ। ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଜୀବନକାଳରେ ସେ ଶତାଧିକ ପୁସ୍ତକ ଲେଖିଥିଲେ। ୧୯୪୫ ମସିହା ଆଜିର ଦିନରେ କଟକ ଜିଲ୍ଲା ସାଲେପୁର ନିକଟ ଅରେଇ ଗ୍ରାମରେ ରତ୍ନାକର ଜନ୍ମଗ୍ରହଣ କରିଥିଲେ। ନେମାଳ ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ସେ ଖ୍ରୀଷ୍ଟ କଲେଜରୁ ସ୍ନାତକ କରିଥିଲେ। ପରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍‌ଏ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୭୯ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରି ସେ ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ଖଲ୍ଲିକୋଟ କଲେଜ, ରେଭେନ୍ସା କଲେଜ, ବିଜେବି କଲେଜରେ କାର୍ଯ୍ୟ କରିବା ପରେ ଶୈଳବାଳା ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ସଫଳ ନାଟ୍ୟକାର ଭାବେ ସେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ମଧ୍ୟରେ 'ଅଥଚ ଚାଣକ୍ୟ', 'ଅସ୍ତରାଗର ଚନ୍ଦ୍ର', 'ରାଜହଂସ', 'ମଞ୍ଚ ନାୟିକା', 'ଅପଦେବତା', 'ପୁନଶ୍ଚ ପୃଥିବୀ', 'କଳଙ୍କିତ ସୂର୍ଯ୍ୟ', 'ମୁଖା', 'ସୁନା କଳସ', 'ଶେଷ ଅଶ୍ରୁ', 'ନାଗଫେଣୀ ରତ୍ନ', 'ନଚିକେତା ଉବାଚ,' 'ଅବ୍ୟକ୍ତ ଗୋଧୂଳି', 'ଲୁହ ଲହରୀ, 'ବିଷ ବଳୟ' ଏବଂ 'ଫୁଲର ଫଗୁଣ' ଇତ୍ୟାଦି ପାଠକ ମହଲରେ ଆଦୃତି ପାଇଥିଲା। 'ଅଥଚ ଚାଣକ୍ୟ' ନାଟକରେ ସେ ଓଡ଼ିଆ ଆଧୁନିକ ନାଟ୍ୟ ଜଗତରେ ଏକ ନୂତନ ଧାରା ପ୍ରଚଳନ କରିଥିଲେ ବୋଲି କୁହାଯାଏ। ଏହି ନାଟକ ବହୁଜାଗାରେ ମଞ୍ଚସ୍ଥ ହୋଇଛି। ୧୯୭୭ ମସିହାରେ 'କଳଙ୍କିତ ସୂର୍ଯ୍ୟ' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ମୁଠାଏ ଶୂନ୍ୟତା', 'କହ ଲଳିତା', 'ନିରବ କୋଳାହଳ', 'ନିଷିଦ୍ଧ ଶୃଙ୍ଗାର', 'ତଥାପି ରାବଣ' ଆଦି ବେଶ୍ ଜନାଦୃତ ହୋଇଥିଲା। ସେ କେବଳ ଜଣେ ଲେଖକ ନ ଥିଲେ, ବରଂ ଜଣେ ସଫଳ ସାହିତ୍ୟ ସଂଗଠକ ମଧ୍ୟ ଥିଲେ। ସେ ପ୍ରସିଦ୍ଧ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ଏବଂ 'ସଂସ୍କାର ଭାରତୀ'ର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ', 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଏବଂ 'ଝଙ୍କାର ପୁରସ୍କାର' ଭଳି ଅନେକ ପ୍ରତିଷ୍ଠିତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ମହାନ୍ ସାରସ୍ୱତ ସାଧକଙ୍କର ୨୦୨୦ ମସିହା ଅପ୍ରେଲ ୧୮ ତାରିଖରେ କଟକରେ ପରଲୋକ ଘଟିଥିଲା।

## ଛନ୍ଦକବି ରାଧାମୋହନ ଗଡ଼ନାୟକ



ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ସଫଳ, ପ୍ରତିଭାଶାଳୀ, କାଳଜୟୀ ସ୍ରଷ୍ଟା ହେଲେ ରାଧାମୋହନ ଗଡ଼ନାୟକ। ଛନ୍ଦର ଲାଳିତ୍ୟ, କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି। ରାଧାମୋହନ ଓଡ଼ିଆ କାବ୍ୟ ପରମ୍ପରାର ଜଣେ ଅନ୍ୟତମ ଚାରଣ କବି। ପରମ୍ପରାରେ ଗୌରବ, ନିୟତିରେ ଆସ୍ଥା ତାଙ୍କ କାବ୍ୟଧାରାରେ ମୁଖ୍ୟ ସ୍ରୋତଭାବେ ଦେଖାଯାଇଥିଲା। ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। ୧୯୧୧ ମସିହା ଆଜିର ଦିନରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର କଲଣ୍ଡାପାଳ ଗାଁରେ ରାଧାମୋହନ ଜନ୍ମ ହୋଇଥିଲେ। ଗଡ଼ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ତାରା' ରଚନା କରିଥିଲେ। ଏହାପରେ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ପାଠ ପଢ଼ିଲେ। ସେଠାରେ ସେ 'କାବ୍ୟନାୟିକା' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ନିଜସ୍ୱ ଅଧ୍ୟୟନ ବଳରେ ସେ ଇଂରାଜୀ, ସଂସ୍କୃତ, ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ଗଭୀର ଜ୍ଞାନର ଅଧିକାରୀ ହୋଇପାରିଥିଲେ। ୧୯୨୭-୧୯୨୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଜାତି ଓ ଦେଶପ୍ରେମମୂଳକ କବିତାବଳୀ ରଚନା କରିଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନର ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଲେ। 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମ୍ବୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦୀପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ପାଇଁ ୧୯୭୫ରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପାଇବାରେ ସେ ପ୍ରଥମ ସାହିତ୍ୟିକ। ୨୦୦୦ ମସିହା ଫେବ୍ରୁଆରୀ ୨୧ ତାରିଖରେ ରାଧାମୋହନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



## ବଦଳିଲା ସଲମାନ୍-ନୟନତାରାଙ୍କ ଫିଲ୍ମର ଟାଇଟଲ

ସାଉଥ୍ ସିନେମାର ପ୍ରସିଦ୍ଧ ନିର୍ଦ୍ଦେଶକ ବାମଶୀ ପେଡ୍ଡିପଲ୍ଲୀ ତାଙ୍କ ଆଗାମୀ ଫିଲ୍ମ ପାଇଁ ସଲମାନ୍ ଖାନ୍‌ଙ୍କୁ ସାଇନ୍ କରିଥିବା ନେଇ ଅନେକ ଦିନରୁ ଚର୍ଚ୍ଚା ହେଉଛି। ଏଇବର୍ଷ ମାର୍ଚ୍ଚ ଶେଷ ଆଡ଼କୁ ଏହି ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା। ହେଲେ, ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଫିଲ୍ମର ନାମ କାମଚଳା ଭାବେ 'ଏସ୍‌ଭିସି୬୩' ରଖାଯାଇଥିଲା। ସଲମାନ୍ ଏବଂ ନୟନତାରାଙ୍କ ଅଭିନୀତ ଏହି ଫିଲ୍ମର ନାମ ଏବେ 'ମନ୍‌ଷ୍ଟର' ରଖାଯାଇଛି ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ହେଲେ ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଏହି ଫିଲ୍ମ ପାଇଁ ସଲମାନ୍ ସେଟ୍‌ରେ ଅଧିକ ସମୟ ଦେଉଥିବାର ମଧ୍ୟ ଜଣାପଡ଼ିଛି। ବଡି ଡବ୍ଲଙ୍କର ହୃଦ୍‌ଘାତ ହେବା ପରେ ସଲମାନ୍ ଅଧିକାଂଶ ଷ୍ଟଣ୍ଟ ନିଜେ କରୁଛନ୍ତି। ୨୦୨୭ ଇଦ୍ ଅବସରରେ ଏହା ରିଲିଜ୍ ହେବ। ଏହି ଫିଲ୍ମ ନିର୍ଦ୍ଧାରିତ ସମୟରେ ଯଦି ରିଲିଜ୍ ହୁଏ ତେବେ ସଲମାନ୍‌ଙ୍କୁ ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କୁ କଡ଼ା ଟକ୍କର ଦେବାକୁ ହେବ। କାରଣ ପ୍ରଭାସଙ୍କ ଅଭିନୀତ 'ସ୍ପିରିଟ୍' ମଧ୍ୟ ଆସନ୍ତାବର୍ଷ ଇଦ୍ ଅବସରରେ ରିଲିଜ୍ ହେବ।

## ସିଟି ସ୍କାନ ମେସିନ୍ ପାଇଁ ଭାଙ୍ଗିଲା ବିବାହ

ଭାରତୀୟ ବିବାହଗୁଡ଼ିକରେ କନିଆ ଘର ତରଫରୁ ବର ଏବଂ ତାଙ୍କ ପରିବାରକୁ ଆଦର ଓ ସମ୍ମାନର ସହ ଅନେକ ପାରମ୍ପରିକ ଉପହାର ଦିଆଯାଇଥାଏ। ହେଲେ ଲକ୍ଷ୍ନୌରେ ଜଣେ ରେଡିଓଲୋଜି ଟେକ୍ନିସିଆନ୍ ନିଜ ବିବାହରେ କନିଆ ପକ୍ଷଙ୍କୁ ସିଟି ସ୍କାନ ମେସିନ୍ ଦେବାର ପ୍ରସ୍ତାବ ରଖି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। କିଛି ଦିନ ପୂର୍ବରୁ ଏହି ରେଡିଓଲୋଜି ଟେକ୍ନିସିଆନ୍‌ଙ୍କର ବିବାହ ସ୍ଥିର ହୋଇଥିଲା। ଯେତେବେଳେ ବିବାହରେ ଯୌତୁକ କଥା ଉଠିଥିଲା, ସେତେବେଳେ ସେ ନଗଦ ଟଙ୍କା କି ସୁନାରୁପା ବଦଳରେ କନିଆ ପକ୍ଷଙ୍କୁ ଗୋଟିଏ ସିଟି ସ୍କାନ୍ ମେସିନ୍ ମାଗିଥିଲେ। କନିଆ ପକ୍ଷ ଲୋକେ ସିଟି ସ୍କାନ୍ ମେସିନ୍ କଥା ଶୁଣି ବର ଜଣକ ମଜାଥଟ୍ଟା ଉଦ୍ଦେଶ୍ୟରେ ଏପରି କରିଥାଇ ପାରନ୍ତି ବୋଲି ଭାବିଥିଲେ। ବିବାହ ଦିନ ପାଖେଇ ଆସିଲା। ବରଯାତ୍ରୀମାନେ ବାଣ ରୋଶଣି କରି କନିଆ ଘରେ ପହଞ୍ଚିଲେ। ସିଟି ସ୍କାନ ମେସିନ୍‌ର ମୂଲ୍ୟ କୋଟି କୋଟି ଟଙ୍କା ହୋଇଥିବାରୁ କନିଆ ଘର ପକ୍ଷରୁ ଏହାକୁ ଦେବା ପାଇଁ ସିଧାସିଧା ମନା କରି ଦିଆଗଲା। ଏହାପରେ ବିନା ମେସିନ୍‌ରେ ବିବାହ ହୋଇପାରିବ ନାହିଁ ବୋଲି ବର ଜଣକ ସ୍ପଷ୍ଟ ଭାବେ କହିବା ସହ ବରଯାତ୍ରୀ ଫେରାଇ ନେଲେ। ତେବେ ଏହି ଘଟଣାର ସତ୍ୟାସତ୍ୟର ପ୍ରମାଣ ଏଯାବତ୍ ମିଳି ନ ଥିବାବେଳେ ସାମାଜିକ ଗଣମାଧ୍ୟମରେ ଏହି ମାମଲା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ପରଜୀବୀଙ୍କଠାରୁ ଗାଈଗୋରୁଙ୍କ ସୁରକ୍ଷା



ବର୍ଷାଦିନେ ପରିବେଶ ଆର୍ଦ୍ରତା ଓ ସନ୍ତସନ୍ତିଆ ଯୋଗୁଁ ମଶା, ମାଛି, ଡାଆଁଶ, ଟିଙ୍କ, ଉଙ୍କୁଣି ବୃଦ୍ଧି ପାଆନ୍ତି। ଏହି ବାହ୍ୟ ପରଜୀବୀ ଗାଈଗୋରୁଙ୍କ ଚର୍ମରେ ରହି ରକ୍ତ ଶୋଷିବା ସହ ନାନା ରୋଗର ଜୀବାଣୁକୁ ଶରୀର ମଧ୍ୟକୁ ଛାଡ଼ିଥାନ୍ତି। ଯାହାଦ୍ୱାରା ଥେଲେରିଆ, ବାବେସିଆ ଓ ଆନାପ୍ଲାଜମା ଆଦି ପ୍ରାଣଘାତୀ ରୋଗ ହୋଇଥାଏ। ଏହାଦ୍ୱାରା ଗାଈଗୋରୁ ରକ୍ତହୀନତାର ଶିକାର ହୁଅନ୍ତି। ତେଣୁ ରକ୍ତହୀନତାର ଲକ୍ଷଣକୁ ଦେଖି ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା କରିବା ଉଚିତ।

ଗାଈଗୋରୁଙ୍କଠାରେ ରକ୍ତହୀନତାର ବିଭିନ୍ନ ଲକ୍ଷଣ ଦେଖାଯାଏ। ଗାଈଗୋରୁ ଖାଇବା କମାଇ ଦିଅନ୍ତି, ଦୁର୍ବଳ ଦିଶିଥାନ୍ତି, ଆଖି ଶ୍ୱେତା ପଡ଼ିଯିବା, ଅଳ୍ପ ପରିଶ୍ରମରେ ଧଇଁସଇଁ ଲାଗିବା, ଓଜନ ବୃଦ୍ଧି ନହେବା, ଉତ୍ପାଦିକା କ୍ଷମତା ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଗୁହାଳ ଓ ଏହାର ଆଖପାଖ ପରିବେଶ ସଫା ରଖିବା ଆବଶ୍ୟକ। ମଶା, ମାଛି ବଂଶ ବୃଦ୍ଧି ନ ହେବାକୁ ନିୟମିତ ସନ୍ଧ୍ୟାବେଳେ ଧୂଆଁ ଦେଇପାରିବେ। ଗାଈଙ୍କୁ ଖାଦ୍ୟ ସହ ଲୌହ ଖଣିଜ ଲବଣ ଥିବା ପାଉଡର କିମ୍ବା ଟନିକ ଖାଇବାକୁ ଦେବା ଆବଶ୍ୟକ। ଡାକ୍ତରଙ୍କ ପରାମର୍ଶରେ ଔଷଧ ଓ ଇଞ୍ଜେକସନ୍ ବ୍ୟବହାର କରିପାରିବେ।

## ଫସଲରେ ସୂତ୍ରକୃମି ନିୟନ୍ତ୍ରଣ

**ବର୍ଷାଦିନେ ଫସଲରେ ସୂତ୍ରକୃମି ଅଧିକ ସକ୍ରିୟ ରୁହନ୍ତି। ଏହି ସୂତ୍ରକୃମି ଟମାଟୋ, ବାଇଗଣ, ଭେଣ୍ଡି ଆଦି ଫସଲକୁ ପ୍ରଭାବିତ କରିଥାନ୍ତି। ସୂତ୍ରକୃମି ସୂକ୍ଷ୍ମ ଆକାରର ଜୀବ। ସୂତ୍ରକୃମି ବିଭିନ୍ନ ପ୍ରକାର ଫସଲର ଚେରରେ ଗଣ୍ଠି ସୃଷ୍ଟି କରନ୍ତି। ତେଣୁ ଠିକ୍ ସମୟରେ ସୂତ୍ରକୃମିକୁ ଚିହ୍ନଟ କରି ଏହାର ନିୟନ୍ତ୍ରଣ କରିବା ଆବଶ୍ୟକ।**



ସୂତ୍ରକୃମି ଗଛ, ପତ୍ର, କାଣ୍ଡ ଆଦିକୁ ପ୍ରଭାବିତ କରେ। ବିଭିନ୍ନ ଫସଲରେ ଭିନ୍ନ ଭିନ୍ନ ପ୍ରକାର ସୂତ୍ରକୃମି ଦେଖାଯାଏ। ସୂତ୍ରକୃମି ଚେରକୁ ଆକ୍ରମଣ କରେ। ଚେରରେ ଗଣ୍ଠି ଗଣ୍ଠି ହୋଇଯାଏ। ଗଛକୁ ଆବଶ୍ୟକମାତ୍ରା ପାଣି ବା ପୋଷକତତ୍ତ୍ୱ ମିଳି ପାରୁନଥିବାରୁ ଗଛ ବୃଦ୍ଧିରେ ସମସ୍ୟା ହୁଏ। ପତ୍ର ହଳଦିଆ ପଡ଼ି ଝାଉଁଳି ଯାଏ। ଏହାର ନିୟନ୍ତ୍ରଣ ପାଇଁ ଗ୍ରୀଷ୍ମଋତୁ ଚାଷ ପରେ ଜମିକୁ ଗଭୀର ହଳ କରି ମାଟିକୁ ଖରା ଖାଇବାକୁ ଛଡ଼ାଯାଏ। ଏହାଦ୍ୱାରା ସୂତ୍ରକୃମିର ଅଣ୍ଡା ଏବଂ ଲାର୍ଭା ନଷ୍ଟ ହୁଏ। ସେହିପରି ସମନ୍ୱିତ ସୂତ୍ରକୃମି ପ୍ରବନ୍ଧନ ପ୍ରଣାଳୀକୁ ଆପଣାଇବା ଆବଶ୍ୟକ। ରୁଆ କାମ କରିବା ପୂର୍ବରୁ ମୃତ୍ତିକାରେ ସୂତ୍ରକୃମି ଯାଞ୍ଚ ଜରୁରି। ପଲିହାଉସ କି ସବୁଜ ଗୃହରେ ଚାଷ କରିବା ସମୟରେ ଘାସ ନିୟନ୍ତ୍ରଣକୁ ଧ୍ୟାନ ଦେବା ଜରୁରି। ସେହିପରି ରୁଆ କାମ ମାସକ ପୂର୍ବରୁ ନିମ୍ବପିଡ଼ିଆ ୧୦୦ ଗ୍ରାମ୍ ପ୍ରତି ବର୍ଗ ମିଟର, ଟ୍ରାଇକୋଡର୍ମା କିମ୍ବା ସୁଡୋମୋନାସ (୨୦ ଗ୍ରାମ୍ ପ୍ରତି ବର୍ଗ ମିଟର) ଏକ ସପ୍ତାହ ପୂର୍ବରୁ ମାଟି ପରୀକ୍ଷଣ କରି ଉପର ଭାଗରେ ପ୍ରୟୋଗ କରିବା ଉଚିତ। ରୋଇବାର ମାସକ ପରେ ପୁନର୍ବାର ନିମ୍ବ ପିଡ଼ିଆ ୫୦ ଗ୍ରାମ୍ ପ୍ରତି ଗଛ ତୁଳନାରେ ବ୍ୟବହାର ଫଳପ୍ରଦ। ଜମିରେ ଗୋଟିଏ ଫସଲକୁ ବାରମ୍ବାର ଚାଷ ନ କରି ଗେଣ୍ଡୁଫୁଲ ଚାଷ ଦ୍ୱାରା ସୂତ୍ରକୃମି ସଂଖ୍ୟା କମ୍ ହୋଇପାରେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ।
- ସମସ୍ତ ଫସଲରେ ନିୟମିତ ଭାବେ ରୋଗ ଏବଂ ପୋକର ସର୍ବେକ୍ଷଣ କରି ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ।
- ହରଡ଼ ଫସଲରେ ପତ୍ରମୋଡ଼ା ଓ ପତ୍ରଛନ୍ଦା ପୋକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ ଓ ସାଇପରମେଥ୍ରିନ୍‌ର ମିଳିତ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଲଙ୍କାଫସଲରେ ଘାସ ବାଛି ମୂଳ ସଫା ରଖନ୍ତୁ। ଅଧିକ ପାଣି ଗଛ ମୂଳରେ ରଖନ୍ତୁ ନାହିଁ।
- ଏବେ ଟମାଟୋ ଲଗାଇବାର ଉପଯୁକ୍ତ ସମୟ।

# ସୁବର୍ଣ୍ଣା



## ଭେଣ୍ଡିରେ ଶୋଷକ ଜାତୀୟ କୀଟ



ଜୁଲାଇ ମାସରେ କରାଯାଇଥିବା ଭେଣ୍ଡି ଚାଷରେ ବର୍ତ୍ତମାନ ଫୁଲ ଓ ଫଳ ଆସିବାର ସମୟ। ଲଗାଣ ବର୍ଷା ଯୋଗୁଁ ଭେଣ୍ଡି ଫସଲରେ ପାଣି ଜମି ଶୋଷକଜାତୀୟ କୀଟ ଯଥା ଜଉ ପୋକ, ପତ୍ର ଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଅଧିକ ରହିଛି। ଏହି ପୋକମାନେ ଭେଣ୍ଡି ପତ୍ରରୁ ରସ ଶୋଷିଥାନ୍ତି। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୁଏ। ତେଣୁ ଏହି ପୋକଗୁଡ଼ିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ରାସାୟନିକ ଉପାୟରେ ଏହି କୀଟଗୁଡ଼ିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥାୟୋମିଥୋକ୍ସାମ୍ କୀଟନାଶକ କିମ୍ବା ୫୦ ଗ୍ରାମ୍ ଏସିଟାମିପ୍ରିଡ କୀଟନାଶକ କିମ୍ବା ୪୦୦-ମିଲି ଟଲଫିନ୍‌ପାଇରାଡ ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଖରାଟିଆ ପାଗ ଦେଖି ଅପରାହ୍ନ ସମୟରେ ସିଞ୍ଚନ କରିପାରିବେ।




## ମାଇକ୍ରୋଗ୍ରୀନ୍ ଷ୍ଟାର୍ଟଅପ୍

**ଅଧିକାଂଶ ଲୋକ ସରକାରୀ ଚାକିରି ପାଇଁ ସ୍ୱପ୍ନ ଦେଖନ୍ତି। ହେଲେ ବିହାର, ପାଟଣା ଜିଲ୍ଲା, ଗୋପାଳପୁର ଗାଁର ଗୁଲସନ୍ କୁମାର ସରକାରୀ ଚାକିରି ଛାଡ଼ି ମାଇକ୍ରୋଗ୍ରୀନ୍ ଷ୍ଟାର୍ଟଅପ୍‌କୁ ଆଦରି ନେଇଛନ୍ତି।**

ଗୁଲସନ୍ ନବୋଦୟ ବିଦ୍ୟାଳୟରେ ଚାକିରି କରୁଥିଲେ। ଏହି ସମୟରେ ତାଙ୍କର ଯକୃତଜନିତ ସମସ୍ୟା ହୋଇଥିଲା। ମାଇକୋଗ୍ରୀନ୍ ସେବନରୁ ସେ ଆରୋଗ୍ୟ ଲାଭ କରିବା ପରେ ଚାକିରି ଛାଡ଼ି ମାଇକ୍ରୋଗ୍ରୀନ୍‌କୁ ବ୍ୟବସାୟ ରୂପେ ଗ୍ରହଣ କଲେ। ମାଇକ୍ରୋଗ୍ରୀନ୍ ବିଭିନ୍ନ ପନିପରିବା, ଶାଗର ଛୋଟ ଓ କଅଁଳ ପତ୍ର। କମ୍ ସ୍ଥାନ ଓ ସାମାନ୍ୟ ଆଲୋକରେ ଏହି ଚାଷ କରାଯାଇଥାଏ। ଚାଷ ପାଇଁ ତାପମାତ୍ରା ୧୮ ରୁ ୨୨ ଡିଗ୍ରୀ ସେଲ୍‌ସିୟସ୍ ଆବଶ୍ୟକ। ଗୁଲସନ୍ ଜୈବିକ ବିହନ ଚୟନ କରି କୋକୋପିଟ୍‌ରେ ବିହନ ଲଗାନ୍ତି। ୨ରୁ ୩ ଦିନ ଅନ୍ଧାରରେ ରଖି ଅଙ୍କୁରଣ ହେଲା ପରେ ଏହାକୁ ନିୟନ୍ତ୍ରିତ ବାତାବରଣରେ ରଖି ହାଲୁକା ଜଳ ସେଚନ କରନ୍ତି। ସେ ୭ରୁ ୧୪ ଦିନ ମଧ୍ୟରେ ମାଇକ୍ରୋଗ୍ରୀନ୍ କାଟି ଅମଳ କରିଥାନ୍ତି। ପାଳଙ୍ଗ, ମୂଳା, ସୋରିଷ, ଧଣିଆ, ମେଥି, ବ୍ରୋକଲି, ମଟର ସହିତ ଅନ୍ୟାନ୍ୟା ମାଇକ୍ରୋଗୀନ୍ ବିକ୍ରି କରନ୍ତି ଗୁଲସନ୍। ଏଥିରୁ ମାସକୁ ସେ ପାଖାପାଖି ଲକ୍ଷେ ଟଙ୍କା ରୋଜଗାର କରୁଛନ୍ତି।

## ପାକଶାଳା ବଗିଚା ପ୍ରସ୍ତୁତି

**ବର୍ତ୍ତମାନ ପାକଶାଳା ବଗିଚାର ଆଦର ବଢ଼ିଛି। ଏହି ବଗିଚାରୁ ତାଜା ଓ ବିଷମୁକ୍ତ ପନିପରିବା ମିଳିଥାଏ। ତେବେ ବିଶେଷ ଦିଗକୁ ଧ୍ୟାନ ଦେଇ ଏହି ବଗିଚା ପ୍ରସ୍ତୁତ କଲେ ଲାଭ ମିଳିଥାଏ।**



ଘରପାଖ ଜମିର ମାଟିକୁ ଗୁଣ୍ଡ କରି ସମତୁଲ କରି କିଆରିକୁ ଛୋଟ ଛୋଟ ପଟାଳି କରାଯାଏ। ଏହାକୁ ସାମାନ୍ୟ ଉଚ୍ଚ କରିବା ସହ ପାଣି ନିଗିଡ଼ିବା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ। ପଟାଳିକୁ ଶୁଖାଇ ଖତ ମିଶାଯାଏ। ପରେ ହାଲୁକା ଓଦା କରି ଏହାଉପରେ ୧୦୦ ମାଇକ୍ରନର ଧଳା ପଲିଥିନ୍ ଘୋଡ଼ାଇ ଦିଆଯାଏ। ମାଟି ସମ୍ପୂର୍ଣ୍ଣ ବିଶୋଧନ ହେବା ଲାଗି ୩ରୁ ୪ ସପ୍ତାହ ଲାଗିଥାଏ। ଏହା ଉପରୁ ପଲିଥିନ୍ ବାହାର କରି ପଟାଳିରେ ବିହନ ବୁଣାଯାଏ। ଫସଲ ଅନୁସାରେ ଧାଡ଼ିକୁ ଧାଡ଼ି, ଗଛକୁ ଗଛ ବ୍ୟବଧାନରେ ଧ୍ୟାନ ଦେବା ଉଚିତ। ସେହିପରି ଛାତ କିମ୍ବା ବାଲ୍‌କୋନିରେ ପାକଶାଳା ବଗିଚା ପାଇଁ ଗ୍ରୋବ୍ୟାଗ୍, କୁଣ୍ଡ କିମ୍ବା ହ୍ୟାଙ୍ଗି ପଟ୍ ବ୍ୟବହାର କରିପାରିବେ। ଉନ୍ନତମାନର ଅଧିକ ଅମଳକ୍ଷମ ବିହନ ଚୟନ ସହିତ ବିହନକୁ ବିଶୋଧନ କରାଯାଏ। ବର୍ତ୍ତମାନ ପାକଶାଳା ବଗିଚାରେ ଭେଣ୍ଡି, ଝୁଡ଼ଙ୍ଗ, ବାଇଗଣ, କାକୁଡ଼ି, କଲରା, ଖଡ଼ା, କଖାରୁ, ଜହ୍ନି, ଲାଉ, ସାରୁ ଆଦି ଚାଷ କରିପାରିବେ। ବର୍ଷାଦିନେ କୁଣ୍ଡ ବା ଜମିରୁ ଜଳନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା କରିବା ଆବଶ୍ୟକ। ଫସଲରେ ରୋଗ ପୋକ ଦେଖାଦେଲେ କୃଷିବିଶେଷଜ୍ଞଙ୍କ ପରାମର୍ଶରେ ଜୈବିକ ପଦ୍ଧତିରେ ନିୟନ୍ତ୍ରଣ କରିପାରିବେ। ଯଦି ଚାହିଁବେ ପନିପରିବା ଓ ଫଳ ଚୋପା, ଛଡ଼ା ଫୁଲ ପତ୍ରରୁ ତିଆରି ଜୈବିକ ଖତ କିମ୍ବା ଆବଶ୍ୟକସ୍ଥଳେ ନିମ୍ବ, କରଞ୍ଜରୁ ପ୍ରସ୍ତୁତି ଜୈବ କୀଟନାଶକ ବ୍ୟବହାର କରିପାରିବେ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ଶୁକ୍ରବାର ୧୬ ଅକ୍ଟୋବର ୨୦୨୬**

## ପ୍ରତିବାଦ କାହିଁ ?

ଏବେ ଯେତେବେଳେ ଭାରତୀୟମାନଙ୍କ ଦୈନନ୍ଦିନ ଆହାରରେ 'ଡେଟା' ଭକ୍ଷଣ ମଧ୍ୟ ଅନ୍ତର୍ଭୁକ୍ତ ହେଲାଣି, ନିଜ ନିଜ ସ୍ମାର୍ଟଫୋନ୍‌ରେ ମଜ୍ଜି ରହି ଅସଂଖ୍ୟ ଲୋକ ମୁଦ୍ରାସ୍ଫୀତିଜନିତ ନିତ୍ୟ ନୈମିତିକ କଷଣକୁ ମଧ୍ୟ ପାସୋରି ଯାଉଛନ୍ତି, ସେମାନଙ୍କ ସକାଶେ 'ଡେଟା' ଲାଗି ଆହାରରେ ସଂକୋଚନ ଘଟିଲେ ମଧ୍ୟ ବିଶେଷ ପରବାୟ ନ ଥାଏ। ଏହି ବର୍ଗ ଚାହିଁଲେ ହୁଏତ ପ୍ରତିବାଦର ଉଚ୍ଚାଟ ସୃଷ୍ଟି କରିପାରନ୍ତେ! କିନ୍ତୁ ସେମାନେ ଜଡ଼ ପ୍ରାୟ! ଗଲା ମଙ୍ଗଳବାର ଦିନ 'ନେସ୍‌ନାଲ୍ ଷ୍ଟାଟିଷ୍ଟିକାଲ୍ ଅଫିସ' ବା 'ଏନ୍.ଏସ୍.ଓ.' ଦ୍ୱାରା ପ୍ରକାଶିତ ଅକ୍‌ଟୋବର ମାସର ମୁଦ୍ରାସ୍ଫୀତି ରିପୋର୍ଟ ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନଙ୍କୁ ତର୍କ-ଉଚ୍ଚାଟିତ କରିଛି, କାରଣ ଗଲା ୧୪ ମାସ ମଧ୍ୟରେ ଏହି ହାର ସର୍ବାଧିକ; ଅର୍ଥାତ୍ ଗଲା ୨୦୨୩ ମସିହା ଅଗଷ୍ଟ ମାସରେ ଏକ ଅତ୍ୟନ୍ତ ଉଚ୍ଚା ୬.୮୫%ରେ ପହଞ୍ଚିଥିବା ମୁଦ୍ରାସ୍ଫୀତି ହାର କ୍ରମେ ହ୍ରାସ ପାଇ ଗଲା ସେପ୍‌ଟେମ୍ବର ମାସରେ ୫.୪୯% ଥିବା ବେଳେ ପରବର୍ତ୍ତୀ ଅକ୍‌ଟୋବର ମାସରେ ତାହା ଲମ୍ଫ ପ୍ରଦାନ କରି ପହଞ୍ଚିଛି ୬.୨୧%ରେ। ଏହା ସୁବିଦିତ ଯେ 'ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ' ଦ୍ୱାରା ନିର୍ଦ୍ଧାରିତ ମାନକ ଅନୁସାରେ ୪%ରୁ ୬% ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ହାର ସହନୀୟ ହୋଇଥାଏ। ସୁତରାଂ, ଗଲା ଅକ୍‌ଟୋବରର ମୁଦ୍ରାସ୍ଫୀତି ଅସହନୀୟ ସ୍ତରରେ ପ୍ରବେଶ କରିଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠିଥାଏ ଯେ ତୀବ୍ର ଦର ବୃଦ୍ଧିର ଯନ୍ତାରେ ବନ୍ଦୀ ହୋଇ ସନ୍ତାପର ଦୀର୍ଘଶ୍ୱାସ ବିସର୍ଜନ କରୁଥିବା ଜନସାଧାରଣ କାହିଁକି ପ୍ରତିବାଦର ତୀବ୍ରତା ସୃଷ୍ଟି କରୁ ନାହାନ୍ତି  ଯଦିଓ ଏନ୍.ଏସ୍.ଓ. ପକ୍ଷରୁ ସାମଗ୍ରିକ ମୁଦ୍ରାସ୍ଫୀତି (୬.୨୧%) ବିଷୟ ପ୍ରକାଶିତ ହୋଇଛି, ଏଠାରେ ଖାଦ୍ୟ ମୁଦ୍ରାସ୍ଫୀତି ଉପରେ ଆଲୋଚନା ସୀମିତ ରହୁ। କାରଣ 'ଏନ୍ ?.ଏସ୍ ?.ଓ.' ରିପୋର୍ଟ ଅନୁସାରେ ଖାଦ୍ୟ ପଦାର୍ଥର ମୁଦାସ୍ଫୀତି ସର୍ବାଧିକ, ଅର୍ଥାତ୍ ୧୦.୮୭%; ଯହିଁରୁ ପନିପରିବା ଦରରେ ବୃଦ୍ଧି ସବୁଠାରୁ ଅଧିକ ତୀବ୍ର ଅର୍ଥାତ୍ ୪୨.୧%। ସେହିଭଳି ଫଳ ଓ ଖାଇବା ତେଲରେ ମୁଦ୍ରାସ୍ଫୀତିର ହାର ଯଥାକ୍ରମେ ୬.୪୩% ଓ ୯.୫୧ ପ୍ରତିଶତ। କେବଳ ସେତିକି ନୁହେଁ, ଦୈ ?ନନ୍ଦିନ ଜୀବନରେ ଖାଦ୍ୟ ଦରରେ ବୃଦ୍ଧି ହିଁ ଖାଉଟିଙ୍କୁ ସବୁଠାରୁ ଅଧିକ ବାଧିଥାଏ। ଅବଶ୍ୟ, ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପଛରେ ଅନ୍ତର୍ଜାତୀୟ ଠାରୁ ସ୍ଥାନୀୟ କାରଣ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ଥାଏ, ଜଳବାୟୁ ପରିବର୍ତ୍ତନଜନିତ ବିଭୀଷିକା ଓ ଯୁଦ୍ଧ ଭଳି ବୃହତ୍ କାରଣରୁ ଆରମ୍ଭ କରି ଗୋଟିଏ ଅଞ୍ଚଳରୁ ଆଉ ଏକ ଅଞ୍ଚଳକୁ ଖାଦ୍ୟଦ୍ରବ୍ୟ ପରିବହନ କରିବାର ବ୍ୟବସ୍ଥାରେ ବିଭ୍ରାଟ ଭଳି ସାମାନ୍ୟ କାରଣ ମଧ୍ୟ ବିଦ୍ୟମାନ ଥାଏ। ଉଦାହରଣ ସ୍ୱରୂପ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ହେତୁ ଆମଦାନିରେ ବ୍ୟାଘାତ ହୋଇ କେତେକ ଖାଦ୍ୟ ଦ୍ରବ୍ୟ ସହିତ ସୂର୍ଯ୍ୟମୁଖୀ ତେଲ ଦରରେ ତୀବ୍ର ବୃଦ୍ଧି ଘଟିଥିଲା। ସେମିତି ପଶ୍ଚିମବଙ୍ଗରୁ ପହଞ୍ଚି ନ ପାରିବା ହେତୁ ଆମ ରାଜ୍ୟରେ ଆଳୁ କିଭଳି ଉଚ୍ଚ ଦରଯୁକ୍ତ ଓ ଦୁର୍ଲଭ ହୋଇଥିଲା, ତାହା କେ ?ଣସି ପାଠକ-ପାଠିକା ପାସୋରି ନ ଥିବେ! ସଂପ୍ରତି ପିଆଜ ଦର କିଲୋଗ୍ରାମ ପିଛା ଶହେ ଟଙ୍କାରେ ପହଞ୍ଚି ଖାଉଟିମାନଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ସୁତରାଂ, ସ୍ୱାଭାବିକ ଭାବେ ମଧ୍ୟବିତ, ନିମ୍ନବିତ ଓ ଦରିଦ୍ର ପରିବାରର ରୋଷେଇ ଘରୁ କ୍ଷୀଣ ଆର୍ତ୍ତନାଦ ଶୁଣିବାକୁ ମିଳୁଛି। ଏବଂ ସମସ୍ୟା ହେଲା ତାହା ଯେଉଁଭଳି କୋଳାହଳ ସୃଷ୍ଟି କରିବା କଥା, ତାହା କରୁନାହିଁ। ପ୍ରଶ୍ନ ଉଠେ ଯେ ଦୈନନ୍ଦିନ ବ୍ୟବହାର୍ଯ୍ୟ ଖାଦ୍ୟ ଦ୍ରବ୍ୟର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା କ'ଣ ସମ୍ଭବ ନୁହେଁ? ଏବେ ପିଆଜ ଦରବୃଦ୍ଧି ବିଷୟ ବିଚାରକୁ ନିଆଯାଉ। ଏହା ପଛରେ ଯେଉଁ କାରଣଟି ନିହିତ ଅଛି ବୋଲି କୁହାଯାଇଥାଏ, ତାହା ହେଲା ଗୋଦାମମାନଙ୍କରେ ମହଜୁଦ ଥିବା ପୁରୁଣା ପିଆଜ ସମାପ୍ତ ହୋଇ ଆସିଲା ବେଳକୁ ନୂଆ ପିଆଜ ଏବେ ସୁଦ୍ଧା ବଜାର ପ୍ରବେଶ କରି ନାହିଁ। ସୁତରାଂ, ଚାହିଦା ଅନୁସାରେ ନିଅଣ୍ଟିଆ ଯୋଗାଣ ଓ ଉପଲବ୍‌ଧତା ହିଁ ଦରବୃଦ୍ଧିର କାରଣ। କିନ୍ତୁ ଆଉ ଏକ ବାସ୍ତବତା ହେଲା ଚୀନ ପରେ ଭାରତ ହେଉଛି ଦ୍ୱିତୀୟ ବୃହତମ ପିଆଜ ଉତ୍ପାଦକ ରାଷ୍ଟ୍ର; ପୃଥିବୀର ସମୁଦାୟ ଉତ୍ପାଦନର ୧୫ ପ୍ରତିଶତ। ସେମିତି ପିଆଜ ରପ୍ତାନିରେ ଭାରତ ଅଗ୍ରଗଣ୍ୟ; ଗଲା ବର୍ଷ ଅର୍ଥାତ୍ ୨୦୨୩ ମସିହାରେ ଭାରତର ପିଆଜ ରପ୍ତାନିର ପରିମାଣ ଥିଲା ୨.୫ ନିୟୁତ ମେଟ୍ରିକ ଟନ୍। କେବଳ ସେତିକି ନୁହେଁ, ଭାରତରେ ବର୍ଷକୁ ତିନି ଥର ଅର୍ଥାତ୍ ଗ୍ରୀଷ୍ମ, ବର୍ଷା ଓ ଶୀତ ଋତୁରେ ପିଆଜ ଅମଳ ହୋଇଥାଏ। ତେବେ ପୁଣି ନିଅଣ୍ଟ କାହିଁକି? ଏହାର ଏକ ମୁଖ୍ୟ କାରଣ ହେଲା ପିଆଜ ରପ୍ତାନିକୁ ପ୍ରାପ୍ତ ହେଉଥିବା ସରକାରୀ ସବ୍‌ସିଡି ଓ ପ୍ରୋତ୍ସାହନ ତଥା ତହିଁରୁ ମିଳୁଥିବା ପ୍ରଚୁର ଲାଭ ସକାଶେ ଘରୋଇ ଚାହିଦାକୁ ଉପେକ୍ଷା କରି ଉତ୍ପାଦକମାନେ ରପ୍ତାନି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି। ଅବଶ୍ୟ, ପିଆଜ ଦର ବୃଦ୍ଧି ଅସହନୀୟ ହେଲାଣି ବୋଲି ସରକାରଙ୍କ ଚୈ ?ତନ୍ୟ ଉଦୟ ହେଲେ ବେଳେବେଳେ ଅତ୍ୟନ୍ତ ସୀମିତ ସମୟ ଲାଗି ରପ୍ତାନି ଉପରେ କଟକଣା ଲଗାଯାଏ, କିନ୍ତୁ ଘରୋଇ ଚାହିଦା ଓ ଉତ୍ପାଦନକୁ ହିସାବକୁ ନେଇ ଦର ଓ ରପ୍ତାନି ଲାଗି ଉଦ୍ଦିଷ୍ଟ ପିଆଜର ପରିମାଣ ଆଦି ସ୍ଥିର କରିବା କ୍ଷେତ୍ରରେ କୌଣସି ଠୋସ ସରକାରୀ ନୀତି ପ୍ରବର୍ତ୍ତନ କରାଯାଇପାରି ନ ଥାଏ। ପନିପରିବା ଦରବୃଦ୍ଧି ପଛରେ ଥିବା ଏକ ବଡ଼ କାରଣ ହେଲା ସେ ସବୁର ଭଣ୍ଡାରଣ ଓ ବିତରଣ ନେଇ ସମସ୍ୟା। ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ପ୍ରକାରର ପନିପରିବାମାନ ଉତ୍ପନ୍ନ ହେଉଥିବାରୁ ସେଗୁଡ଼ିକୁ ବିଭିନ୍ନ ପ୍ରାନ୍ତକୁ ପରିବହନ କରିବା ଓ ସେ ସବୁ ପଚନଶୀଳ ହୋଇଥିବାରୁ ସେ ସବୁର ସଂରକ୍ଷଣ ଓ ଭଣ୍ଡାରଣର ବ୍ୟବସ୍ଥା କରିବା ଆହ୍ୱାନଭରା ହୋଇଥାଏ। କିନ୍ତୁ ଗୋଟିଏ ଦୃଢ଼ ପ୍ରତିଜ୍ଞ ଓ ନିମ୍ନବିତ୍ତ ବର୍ଗର ଖାଉଟିଙ୍କ ସକାଶେ ସଂବେଦନଶୀଳ ସରକାର ପକ୍ଷରେ ସମନ୍ୱୟୀ ଓ ସାର୍ଥକ ବ୍ୟବସ୍ଥାଟିଏ ସୃଷ୍ଟି କରିବା ଆଦୌ ଅସମ୍ଭବ ନୁହେଁ। କିନ୍ତୁ ଅବସୋସ, ସେଭଳି କିଛି ଦୃଶ୍ୟମାନ ନ ହୋଇ ଯାହା ଘଟିଛି ତାହା ହେଲା ଖାଦ୍ୟ ଦ୍ରବ୍ୟ ଦରର ହ୍ରାସ-ବୃଦ୍ଧିର ଛାଇ-ଆଲୁଅ ଖେଳରେ ସଂଶୟାଚ୍ଛନ୍ନ ଖାଉଟି ଏହାକୁ ନିୟତି ବୋଲି ସ୍ୱୀକାର କରି ନେଲେଣି; ସୁତରାଂ, କୌଣସି ବାତ୍ୟାର ପୂର୍ବାନୁମାନ ସହିତ ତତ୍‌କ୍ଷଣାତ୍ ବଜାରରେ ଘଟୁଥିବା ଅଗ୍ନି ଉଦ୍‌ଗିରଣ ଅଥବା କାର୍ତ୍ତିକ ମାସରେ ଓଡ଼ିଆ ନିରାମିଷାଶୀଙ୍କ ସଂଖ୍ୟାରେ ତୀବ୍ର ବୃଦ୍ଧି ହେତୁ ଘଟୁଥିବା ପରିବା ଦରରେ ତୀବ୍ର ବୃଦ୍ଧିକୁ ସ୍ୱାଭାବିକ ବୋଲି ଧରି ନିଆଯାଉଛି। ତେଣୁ ଲୋକକ୍ଷେତ୍ରରେ ନିଃସଂଗ ସ୍ୱର ଅଥବା ମୃଦୁ ବିରକ୍ତିମାନ ଶୁଭୁଛି ସିନା, ଉଚ୍ଚାଟ ଆଲୋଚନାର କଳରବ ବା ମୁଖର ପ୍ରତିବାଦ ଶୁଣିବାକୁ ମିଳୁନାହିଁ। ସଂପ୍ରତି ଯୁକ୍ତରାଷ୍ଟ୍ର ଆମେରିକାରେ ମୁଦ୍ରାସ୍ଫୀତି କାରଣରୁ ଶାସନ କ୍ଷମତାରେ ପରିବର୍ତ୍ତନ ଘଟିଲା ବୋଲି କୁହାଯାଉଛି; କିନ୍ତୁ ଭାରତରେ ସେଭଳି ଘଟିବ

## ବୀମାର ନୂଆ ମନ୍ତ୍ର : ବିକ୍ରୟ ନୁହେଁ, ବିଶ୍ୱାସ

ଭାରତରେ ବୀମାକୁ ଆମେ ସାଧାରଣତଃ ଦୁଇଟି ଚିତ୍ରରେ ଦେଖୁ । ପ୍ରଥମ ଚିତ୍ରରେ ଅଛି ଏକ ପରିବାର, ଯାହା ରୋଗ, ଦୁର୍ଘଟଣା, ମୃତ୍ୟୁ କିମ୍ବା ସମ୍ପତ୍ତିହାନି ସମୟରେ ବୀମାରୁ ଆର୍ଥିକ ଆଶ୍ରୟ ପାଏ । ଦ୍ୱିତୀୟ ଚିତ୍ରରେ ଅଛି ବ୍ୟାଙ୍କ କାଉଣ୍ଟର, ଏଜେଣ୍ଟ, ଫୋନ କଲ୍ କିମ୍ବା ଡିଜିଟାଲ ମଞ୍ଚ, ଯେଉଁଠାରେ ପଲିସି ଅନେକ ସମୟରେ ଗ୍ରାହକର ଆବଶ୍ୟକତାଠାରୁ ଅଧିକ ବିକ୍ରୟ ଲକ୍ଷ୍ୟର ଅଂଶ ହୋଇଯାଏ । ଆଜି ଭାରତୀୟ ବୀମା ବଜାରର ସଂସ୍କାର ଆମ ସମ୍ମୁଖରେ ଏକ ମୌଳିକ ପ୍ରଶ୍ନ ରଖିଛି- ଆମେ ପଲିସି ବିକ୍ରି କରିବୁ, ନା ବିଶ୍ୱାସ ଓ ସୁରକ୍ଷା ଗଢ଼ିବୁ ସେପ୍ଟେମ୍ବର ୨୦୨୬ରେ ଭାରତୀୟ ବୀମା ନିୟନ୍ତ୍ରକ ଓ ବିକାଶ କର୍ତ୍ତୃପକ୍ଷ ବୀମା ବିତରଣର ଅର୍ଥନୀତିକୁ ପୁନର୍ବିଚାର କରିବାକୁ ଏକ ବ୍ୟାପକ ପରାମର୍ଶ ପତ୍ର ଜାରି କରିଛି । ଏଥିରେ ବ୍ୟାଙ୍କ, ବ୍ରୋକର ଓ ଏଜେଣ୍ଟଙ୍କ କମିଶନର ସୀମା, ଅଗ୍ରିମ ପାରିଶ୍ରମିକର ନିୟନ୍ତ୍ରଣ, ଭୁଲ୍ ବିକ୍ରି ହେଲେ କମିଶନ ଫେରସ୍ତ ନେବା, ଋଣ ସହ ନିର୍ଦ୍ଦିଷ୍ଟ ବୀମାକୁ ବାଧ୍ୟତାମୂଳକ ଭାବେ ଯୋଡ଼ିବାକୁ ରୋକିବା ଏବଂ ବିକ୍ରେତାଙ୍କ ଦାୟିତ୍ୱବୋଧକୁ ସ୍ପଷ୍ଟ କରିବା ପରି ପଦକ୍ଷେପ ରହିଛି । ଏହା କେବଳ କମିଶନ କମାଇବାର ପ୍ରସ୍ତାବ ନୁହେଁ, ବୀମାର ଦିଗକୁ ବିକ୍ରେତାରୁ ଗ୍ରାହକଙ୍କ ଦିଗକୁ ଘୁଞ୍ଚାଇବାର ଚେଷ୍ଟା । ୨୦୨୩ରେ କମିଶନ ସମ୍ପର୍କିତ ନିୟମ ଶିଥିଳ କରାଯାଇଥିଲା । ଯୁକ୍ତି ଥିଲା- ବଜାରକୁ ଅଧିକ ସ୍ୱାଧୀନତା ଦେବା ଏବଂ 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟକୁ ଗତି ଦେବା । କିନ୍ତୁ ପରବର୍ତ୍ତୀ ସମୟରେ ବିତରକଙ୍କୁ ଦିଆଯାଉଥିବା ପାରିଶ୍ରମିକର ବୃଦ୍ଧି ବୀମା ପ୍ରିମିୟମ ବୃଦ୍ଧିଠାରୁ ଅଧିକ ତୀବ୍ର ହୋଇଥିବା ନେଇ ଚିନ୍ତା ବଢ଼ିଛି । ବିତରଣ ଖର୍ଚ୍ଚ ବଢ଼ିଲେ ମଧ୍ୟ ଯଦି ବୀମାର ପ୍ରସାର ଆଶାନୁସାରେ ବଢ଼େନାହିଁ, ତେବେ ନିୟନ୍ତ୍ରକଙ୍କ ପୁନର୍ବିଚାର ସ୍ୱାଭାବିକ । ବୀମାର ମୂଳ ସମସ୍ୟା କେବଳ କମିଶନ ନୁହେଁ, ପ୍ରେରଣାର ଦିଗ । ବିକ୍ରେତା ଯଦି କୌଣସି ନିର୍ଦ୍ଦିଷ୍ଟ ପଲିସି ବିକ୍ରି କରି ଅଧିକ ଆୟ କରନ୍ତି, ତେବେ ସେହି ପଲିସିଟି ଗ୍ରାହକଙ୍କ ପାଇଁ ସର୍ବୋତ୍ତମ କି ନୁହେଁ, ଏହା ଦ୍ୱିତୀୟ ପ୍ରଶ୍ନ ହୋଇଯାଇପାରେ । ଏଠାରୁ ଆରମ୍ଭ ହୁଏ ଭୁଲ୍ ବିକ୍ରି । କିଏ କେଉଁ ପଲିସି ବିକ୍ରି କଲେ, ଗ୍ରାହକଙ୍କୁ କ'ଣ ବୁଝାଇଲେ, କେତେ ପାରିଶ୍ରମିକ ପାଇଲେ ଏବଂ ପରେ ଅଭିଯୋଗ ଉଠିଲେ କାହାର ଦାୟିତ୍ୱ ଏହାକୁ ରେକର୍ଡ ଓ ଦାୟିତ୍ୱବୋଧର ଅଂଶ କରିବା ଦରକାର । ତଥାପି ଭାରତର ସବୁଠାରୁ ବଡ଼ ପ୍ରଶ୍ନ କମିଶନ ନୁହେଁ, ସୁରକ୍ଷାର ପ୍ରସାର । ଏଠାରେ ବୀମା କେବଳ ଏକ ଆର୍ଥିକ ଉତ୍ପାଦ ନୁହେଁ, ଅନେକ ପରିବାର ପାଇଁ ଏହା ବିପଦ ସମୟରେ ସଞ୍ଚୟ ଭାଙ୍ଗିବା, ଋଣ ନେବା, ସୁନା ବିକ୍ରି କରିବା କିମ୍ବା ଆତ୍ମୀୟଙ୍କ ସହାୟତା ନେବାର ବିକଳ୍ପ । ଏକ ଗୁରୁତର ରୋଗ, ଦୁର୍ଘଟଣା କିମ୍ବା ପରିବାରର ଉପାର୍ଜନକାରୀ ବ୍ୟକ୍ତିଙ୍କ ମୃତ୍ୟୁ ଆଜି ମଧ୍ୟ ଅନେକ ପରିବାରକୁ ଆର୍ଥିକ ଅସ୍ଥିରତାରେ ଠେଲିଦେଇପାରେ । ସେଥିପାଇଁ ଭାରତରେ ବୀମା ସଂସ୍କାର କେବଳ ବଜାରର ପ୍ରଶ୍ନ ନୁହେଁ, ଏହା ପାରିବାରିକ ସୁରକ୍ଷା ଓ ସାମାଜିକ ସ୍ଥିରତାର ପ୍ରଶ୍ନ । ଭାରତର ଆଉ ଏକ ବିଶେଷତା ହେଉଛି ବ୍ୟାଙ୍କ ଓ ଏଜେଣ୍ଟ ମାଧ୍ୟମରେ ବୀମା ବିକ୍ରୟର ଗଭୀର ପ୍ରଭାବ । ମହାନଗରର ଜଣେ ଶିକ୍ଷିତ ଗ୍ରାହକ ମୋବାଇଲରେ ଅନେକ ପଲିସି ତୁଳନା କରିପାରନ୍ତିକ୍ସ କିନ୍ତୁ ଗ୍ରାମ, ଛୋଟ ସହର ଓ ନିମ୍ନ-ଆୟ ପରିବାରର ଅନେକ ଲୋକ ଆଜି ମଧ୍ୟ ଏଜେଣ୍ଟ, ବ୍ୟାଙ୍କ କର୍ମଚାରୀ କିମ୍ବା ପରିଚିତ ମଧ୍ୟସ୍ଥଙ୍କ କଥାକୁ ଭରସା କରି ପଲିସି କିଣନ୍ତି । ଋଣ ସହ ନିର୍ଦ୍ଦିଷ୍ଟ ବୀମା କିଣିବାକୁ ହେବ ବୋଲି ଧାରଣା ମଧ୍ୟ ଅନେକଙ୍କ ମନରେ ରହେ । ଏଠାରେ ପରାମର୍ଶ ଓ ଚାପ ମଧ୍ୟରେ ସୀମା ଅତ୍ୟନ୍ତ ସୂକ୍ଷ୍ମ । ପଶ୍ଚିମ ଦେଶମାନଙ୍କ ଅଭିଜ୍ଞତା ଭାରତ ପାଇଁ ଶିକ୍ଷାଦାୟକ, କିନ୍ତୁ ଅନୁକରଣୀୟ ଛାଞ୍ଚ ନୁହେଁ । ବ୍ରିଟେନରେ ନିୟନ୍ତ୍ରକ ଗ୍ରାହକଙ୍କ ପାଇଁ ଭଲ ଫଳ ନିଶ୍ଚିତ କରିବା, ସମ୍ଭାବ୍ୟ କ୍ଷତି ଆଗରୁ ଚିହ୍ନଟ କରିବା ଓ ସ୍ପଷ୍ଟ ସୂଚନା ଦେବାକୁ ଜୋର ଦେଉଛନ୍ତି । ୟୁରୋପୀୟ ସଂଘର ନିୟମ କହେ, କମିଶନ କିମ୍ବା ବିକ୍ରୟ ଲକ୍ଷ୍ୟ ଏମିତି ହେବା ଉଚିତ ନୁହେଁ, ଯାହା ବିକ୍ରେତାଙ୍କୁ ଗ୍ରାହକ ପାଇଁ ଉଚିତ ବିକଳ୍ପକୁ ପଛକୁ ଠେଲିବାକୁ ପ୍ରେରିତ କରେ । ଅଷ୍ଟ୍ରେଲିଆ ଜୀବନ ବୀମାରେ କମିଶନ ସୀମା ଓ ଭୁଲ୍ ବିକ୍ରି ହେଲେ ପାରିଶ୍ରମିକ ଫେରସ୍ତ ନେବାର ବ୍ୟବସ୍ଥା କରିଛି । ଶିକ୍ଷାଟି ସ୍ପଷ୍ଟ- କେବଳ କମିଶନ କମାଇଲେ ହେବନାହିଁ, ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ଗ୍ରାହକ ଶିକ୍ଷା ଏକାସାଥିରେ ଚାଲିବା ଦରକାର । ଭାରତୀୟ ସମାଧାନ ଭାରତୀୟ ବାସ୍ତବତାରୁ ଆସିବା ଦରକାର । ପ୍ରଥମେ, ପ୍ରତ୍ୟେକ ପଲିସି ସହ ଏକ ସରଳ 'ଏକ ପୃଷ୍ଠାର ସତ୍ୟ' ଥାଉ । ତାହାରେ କେତେ ପ୍ରିମିୟମ ଦେବେ, କେତେ ଆବରଣ ପାଇବେ, ଆବରଣରୁ ବାଦ୍ ପଡୁଥିବା ସର୍ତ୍ତ କ'ଣ, ଯେଉଁ ଖର୍ଚ୍ଚ ବୀମା ଆବରଣରେ ନଥାଏ, ସେଗୁଡ଼ିକ କ'ଣ, ଅପେକ୍ଷାକାଳ କେତେ, ପଲିସି ମଝିରେ ଛାଡ଼ିଲେ କ'ଣ ହେବ ଏବଂ ବିତରକ କେତେ ପାରିଶ୍ରମିକ ପାଉଛନ୍ତି ସବୁ ସ୍ପଷ୍ଟ ଥାଉ । ଏହି ତଥ୍ୟ ଆଞ୍ଚଳୀୟ ଭାଷାରେ ମଧ୍ୟ ଦିଆଯିବା ଦରକାର । ଦ୍ୱିତୀୟତଃ, କାହିଁକି ନିର୍ଦ୍ଦିଷ୍ଟ ପଲିସିଟି ଗ୍ରାହକଙ୍କ ପାଇଁ ଉପଯୋଗୀ, ସେଥିରେ ଲିଖିତ କାରଣ ରହୁ । ବିକ୍ରୟ ସମୟର ସମ୍ମତି, ବ୍ୟାଖ୍ୟା ଓ ପରାମର୍ଶର ଡିଜିଟାଲ ରେକର୍ଡ ରହୁ । ଭୁଲ୍ ବିକ୍ରିହେଲେ କେବଳ ଏଜେଣ୍ଟ ନୁହେଁ, ଯେଉଁ ସଂସ୍ଥା ତାହାରୁ ଆୟ କରିଛି ସେମାନଙ୍କର ମଧ୍ୟ ଦାୟିତ୍ୱବୋଧ ନିର୍ଦ୍ଧାରିତ ହେଉ । ଗ୍ରାହକଙ୍କୁ ଏକ କାଉଣ୍ଟରରୁ ଅନ୍ୟ କାଉଣ୍ଟରକୁ ଘୂରାଇ କୌଣସି ସଂସ୍ଥା ଦାୟିତ୍ୱ ଏଡ଼ାଇ ପାରିବନାହିଁ । ତୃତୀୟତଃ, ସ୍ୱାସ୍ଥ୍ୟ ବୀମାରେ ଦାବି ନିଷ୍ପତ୍ତିକୁ ସଂସ୍କାରର କେନ୍ଦ୍ରରେ ରଖିବା ଦରକାର । ସତ୍ୟ ପରୀକ୍ଷା ପଲିସି କିଣିବା ଦିନ ନୁହେଁ, ହସ୍ପିଟାଲରେ ଭର୍ତି ହେବା ଦିନ । ନଗଦବିହୀନ ଚିକିତ୍ସାର ଅନୁମୋଦନ, ଅତିରିକ୍ତ ମଞ୍ଜୁରି, ଚିକିତ୍ସା ଖର୍ଚ୍ଚର ଯାଞ୍ଚ ଏବଂ ରୋଗୀଙ୍କୁ ହସ୍ପିଟାଲରୁ ଛାଡ଼ିବା ପ୍ରକ୍ରିୟା ପାଇଁ ସ୍ପଷ୍ଟ ଜାତୀୟ ସମୟସୀମା ରହୁ । ବୀମା କମ୍ପାନୀ କିମ୍ବା ମଧ୍ୟସ୍ଥଙ୍କ ବିଳମ୍ବର ଆର୍ଥିକ ଭାର ରୋଗୀ କିମ୍ବା ହସ୍ପିଟାଲ ଉପରେ ପଡ଼ିବା ଉଚିତ ନୁହେଁ । ଚତୁର୍ଥତଃ, ଅଭିଯୋଗ ନିଷ୍ପତ୍ତିର ଏକ ସହଜ, ଏକୀକୃତ ଜାତୀୟ ବ୍ୟବସ୍ଥା ରହୁ । ନିର୍ଦ୍ଦିଷ୍ଟ ସମୟରେ ସମାଧାନ ନହେଲେ ଅଭିଯୋଗ ସ୍ୱୟଂଚାଳିତ ଭାବେ ଉଚ୍ଚସ୍ତରକୁ ଯାଉ । ପୁନଃପୁନି ଭୁଲ୍ ବିକ୍ରି, ଅନାବଶ୍ୟକ ବିଳମ୍ବ କିମ୍ବା ଅନୁଚିତ ଦାବି ପ୍ରତ୍ୟାଖ୍ୟାନ କରୁଥିବା ସଂସ୍ଥାଙ୍କ କାର୍ଯ୍ୟଦକ୍ଷତା ସାର୍ବଜନୀନ ହେଉ । ଗ୍ରାହକ ଜାଣିବାକୁ ଅଧିକାରୀ ଯେ, କେଉଁ କମ୍ପାନୀ କେତେ ଦାବି ନିଷ୍ପତ୍ତି କରୁଛି ଓ ଅଭିଯୋଗ ସମାଧାନରେ କେତେ ସମୟ ନେଉଛି । ପଞ୍ଚମତଃ, ଗ୍ରାମ ଓ ଛୋଟ ସହରକୁ କେବଳ ଡିଜିଟାଲ ବଜାରର ଭରସାରେ ଛାଡ଼ି ଦିଆଯାଇପାରିବନାହିଁ । ସ୍ଥାନୀୟ ଭାଷାରେ ପ୍ରଶିକ୍ଷିତ ପରାମର୍ଶଦାତା, ବ୍ୟାଙ୍କ ଓ ଡାକଘର ମାଧ୍ୟମରେ ସଚେତନତା ଏବଂ ପ୍ରତ୍ୟେକ ଜିଲ୍ଲାରେ ବୀମା ସହାୟତା ବ୍ୟବସ୍ଥା ରହିବା ଦରକାର । ଏଜେଣ୍ଟଙ୍କୁ ହଟାଇବା ନୁହେଁ, ତାଙ୍କୁ ଅଧିକ ପ୍ରଶିକ୍ଷିତ, ଦାୟିତ୍ୱଶୀଳ ଓ ଗ୍ରାହକକେନ୍ଦ୍ରିକ କରିବା ଦରକାର । ପାରିଶ୍ରମିକ କେବଳ ପ୍ରଥମ ବିକ୍ରୟ ସହ ନୁହେଁ, ପଲିସିର ସ୍ଥାୟିତ୍ୱ, ସେବାର ଗୁଣ ଓ ଗ୍ରାହକ ସନ୍ତୋଷ ସହ ଯୋଡ଼ିହେଉ । ବୀମା ସାକ୍ଷରତାକୁ ମଧ୍ୟ ଆର୍ଥିକ ସାକ୍ଷରତାର ଅବିଭାଜ୍ୟ ଅଂଶ କରିବା ଦରକାର । ସ୍କୁଲ, କଲେଜ, ସ୍ୱୟଂସହାୟକ ଗୋଷ୍ଠୀ, ପଞ୍ଚାୟତ, ବ୍ୟାଙ୍କ ଓ ଡାକଘର ମାଧ୍ୟମରେ ଲୋକଙ୍କୁ ବୁଝାଇବା ଦରକାର ଯେ ବୀମା ନିବେଶର ପର୍ଯ୍ୟାୟବାଚୀ ନୁହେଁ, ଏହା ପ୍ରଥମେ ସୁରକ୍ଷା । ପଲିସି କିଣିବା ପୂର୍ବରୁ ପ୍ରଶ୍ନ କରିବା, ସର୍ତ୍ତ ପଢ଼ିବା, ପରିବାରକୁ ଜଣାଇବା ଓ ନାମିତ ବ୍ୟକ୍ତିଙ୍କ ତଥ୍ୟ ଅଦ୍ୟତନ ରଖିବାକୁ ଜନସଚେତନତାର ଅଂଶ କରାଯାଉ । ଏହା ସହିତ ସରକାର ଓ ନିୟନ୍ତ୍ରକଙ୍କୁ ନିୟମର କଡ଼ାଇ ସହ ପ୍ରୟୋଗର ଗୁଣ ମଧ୍ୟ ମାପିବାକୁ ପଡ଼ିବ । ସହର ଓ ଗ୍ରାମ, ଧନୀ ଓ ଦରିଦ୍ର, ଡିଜିଟାଲ ଓ ଅଣଡିଜିଟାଲ ଗ୍ରାହକଙ୍କ ମଧ୍ୟରେ ତଫାତ୍ ଧ୍ୟାନରେ ନରଖିଲେ ସମାନ ନିୟମ ମଧ୍ୟ ଅସମାନ ଫଳ ଦେଇପାରେ । ତେଣୁ ସଂସ୍କାରରେ ସ୍ଥାନୀୟ ପରିସ୍ଥିତି, ଭାଷା, ଆୟ ଓ ସେବାପ୍ରାପ୍ତିର ଭିନ୍ନତାକୁ ମୂଳ ଆଧାର କରିବା ଦରକାର । ସରକାରୀ ସ୍ୱାସ୍ଥ୍ୟ ଯୋଜନା ଓ ବେସରକାରୀ ବୀମା ଭିନ୍ନ ହେଲେ ମଧ୍ୟ ଗୋଟିଏ ସାଧାରଣ ମାପକାଠି ରହିବା ଉଚିତ- ରୋଗୀ କି ସମୟରେ ଚିକିତ୍ସା ପାଇଲେ, ହସ୍ପିଟାଲ କି ନ୍ୟାୟସଂଗତ ଭାବେ ଅର୍ଥ ପାଇଲା, ଏବଂ କାଗଜପତ୍ର କି ଚିକିତ୍ସାରେ ବାଧା ହେଲା ? ବୀମା ସଂସ୍କୃତି ତେବେ ହିଁ ଗଭୀର ହେବ, ଯେତେବେଳେ ସାଧାରଣ ଲୋକ ଅନୁଭବ କରିବେ ଯେ ବୀମା ତାଙ୍କୁ କାଗଜ ନୁହେଁ, ବିପଦ ସମୟରେ ସହାୟତା ଦେଉଛି । ବୀମାର ମୂଳ ଅର୍ଥ ହେଉଛି ଅନିଶ୍ଚିତତାକୁ ସହନୀୟ କରିବା । ପଲିସିର କାଗଜଟି ମୂଲ୍ୟବାନ ନୁହେଁ, ମୂଲ୍ୟବାନ ହେଉଛି ସେହି ପ୍ରତିଶ୍ରୁତି, ଯାହା ବିପଦର ଦିନେ କାମ କରେ । ଭାରତର ବୀମା ସଂସ୍କାରର ଶେଷ ପରୀକ୍ଷା ଶେୟାର ବଜାରରେ ହେବନାହିଁ, ସେହି ପରୀକ୍ଷା ହେବ ସାଧାରଣ ପରିବାରର ଘରେ । ପ୍ରଶ୍ନ ହେବ- ଦାବି ସମୟରେ ସହାୟତା ମିଳିଲା କି, ଚିକିତ୍ସା ବନ୍ଦ ହେଲା କି ନାହିଁ, ପରିବାର ଋଣରେ ବୁଡ଼ିବାରୁ ବର୍ତ୍ତିଲା କି ? ସଂସ୍କାରର ମାପକାଠି ପଲିସି ବିକ୍ରୟର ସଂଖ୍ୟା ନୁହେଁ । ମାପକାଠି ହେଉ- କେତେ ପରିବାର ପ୍ରକୃତ ସୁରକ୍ଷା ପାଇଲେ, କେତେ ଦାବି ସମୟରେ ନିଷ୍ପତ୍ତି ହେଲା, କେତେ ଭୁଲ୍ ବିକ୍ରି କମିଲା ଏବଂ ବୀମା ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ କେତେ ବଢ଼ିଲା । ଭାରତୀୟ ବୀମା ବଜାରର ଭବିଷ୍ୟତ କମିଶନର ଆକାରରେ ନୁହେଁ, ବିଶ୍ୱାସର ଗଭୀରତାରେ ନିର୍ଣ୍ଣୟ ହେବ । ଆମର ନୂଆ ମନ୍ତ୍ର ସରଳ ହେଉ- ବିକ୍ରୟ ନୁହେଁ, ବିଶ୍ୱାସ ।

## ବହୁବଚନ : ଆଧୁନିକତାର ମାନଦଣ୍ଡରେ ଓଡ଼ିଶା

**ବିଜୟ ନାୟକ**

ଗୋଟିଏ ଜାତିର ଗୁଣ ବା ଖୁଣ ଆଗନ୍ତୁକର ଆଖି ଉହାଡ଼ରେ ରହିପାରେ ନାହିଁ। ଚାକିରିବାକିରି ବା ବଣିଜବେପାର ପାଇଁ ଓଡ଼ିଶାରେ ଦୀର୍ଘ ଦିନ ଧରି ଅବସ୍ଥାନ କରିଥିବା ଓଡ଼ିଶା ବାହାରର ବ୍ୟକ୍ତିବିଶେଷଙ୍କ ପାଖରେ ଓଡ଼ିଶାର ଯେଉଁ କେତୋଟି ବିଶେଷତ୍ୱ ସହଜରେ ଧରାଦିଏ। ତନ୍ମଧ୍ୟରୁ ଜାତିଜୁତ ଭାବର ଅଭାବ ଏବଂ ନାରୀ ନେତୃତ୍ୱ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ଯେ ଜାତି ନାହିଁ, ତା' ନୁହେଁ, କିନ୍ତୁ ଜାତିବାଦ ନାହିଁ, ନାହିଁ ଜାତିଭେଦର ତୀବ୍ରତା। ଶ୍ରୀମଦ୍ ଭଗବଦ୍‌ଗୀତାରେ ଚାରିବର୍ଣ୍ଣର ଉଲ୍ଲେଖ ରହିଛି। ଛତିଶ ପାଟକ ଓ ଛୁଆଁଅଛୁଆଁ ଭେଦ ପରବର୍ତ୍ତୀ କାଳରେ ସମାଜର କତିପୟ ସଂକୀର୍ଣ୍ଣମନା ବଡ଼ପଣ୍ଡାଙ୍କ କପୋଳକଳ୍ପିତ ସଂରଚନା ହୋଇପାରେ। ତେବେ ଜଗନ୍ନାଥ ସଂସ୍କୃତି ଓଡ଼ିଶାର ଜନଜୀବନକୁ କାଳେକାଳେ ପ୍ରଭାବିତ କରିଆସିଛି। ସମାନତା, ସହନଶୀଳତା ଓ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥ। ଶବର ରାଜା ବିଶ୍ୱାବସୁଙ୍କର ଆରାଧ୍ୟ ନୀଳମାଧବ, ଜଗନ୍ନାଥଙ୍କର ଆଦିରୂପ। ପୁନଶ୍ଚ ଶବର-ସୁତା ଲଳିତାଙ୍କର ବ୍ରାହ୍ମଣ ବିଦ୍ୟାପତିଙ୍କ ସହିତ ବିବାହ କଥା ଆଜି ମଧ୍ୟ ଲୋକତୁଣ୍ଡରେ ଜୀବନ୍ତ। ଜାତି ଓ ଜନଜାତି ମଧ୍ୟରେ ସଂଯୋଗର ପ୍ରୟାସ ଆମ ପୂର୍ବଜମାନଙ୍କ ଉଦାରତାର ପ୍ରତୀକ। ଜାତିଗତ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ ରହିବା ପାଇଁ ଏହି କିଂବଦନ୍ତି ଓଡ଼ିଶାବାସୀଙ୍କୁ ପ୍ରଚୋଦିତ କରିଥିବ ନିଶ୍ଚୟ। ଏହି ପରିପ୍ରେକ୍ଷୀରେ ଲକ୍ଷ୍ମୀପୁରାଣର ରଚନା ଓ ଲୋକପ୍ରିୟତା ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ। ଆଜକୁ ପାଞ୍ଚ ଶହ ବର୍ଷ ପୂର୍ବେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଶ୍ରୀୟା ଚଣ୍ଡାଳୁଣୀ ଘରେ ପ୍ରବେଶ କରାଇବାର ଦୁଃସାହସ କରିଥିଲେ ସନ୍ଥ ବଳରାମ ଦାସ। ଲକ୍ଷ୍ମୀପୁରାଣର ବର୍ଣ୍ଣନା ଅନୁଯାୟୀ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରୁ ଘଉଡ଼ାଇ ଦେବାରୁ ଲକ୍ଷ୍ମୀଛଡ଼ା ହୋଇଯାଇଥିଲେ ଜଗନ୍ନାଥ ଓ ବଳଭଦ୍ର। ଅନେକ ଯାତନା ଭୋଗିବା ପରେ ମନ୍ଦିରକୁ ବାହୁଡ଼ି ଆସିବା ପାଇଁ ମହାଲକ୍ଷ୍ମୀଙ୍କୁ ଅନୁରୋଧ କରିଥିଲେ ବେନି ଭାଇ। ଲକ୍ଷ୍ମୀ, ମନ୍ଦିରକୁ ବାହୁଡ଼ିବାକୁ ରାଜି ହୋଇଥିଲେ ସତ କିନ୍ତୁ ତାଙ୍କ ସର୍ତ୍ତ ଥିଲା ବଡ଼ କଠୋର! ଶ୍ରୀମନ୍ଦିରରେ ଆବ୍ରାହ୍ମଣଚଣ୍ଡାଳ ଏକତ୍ର ଭୋଜନ କଲେ ଯାଇ ସେ ବାହୁଡ଼ିବେ ସ୍ୱଗୃହକୁ। ଏଥିରେ ସମ୍ମତ ହୋଇଥିଲେ ରାମ, ବଳରାମ। ସେହି ଦିନରୁ ସମ୍ଭବତଃ ଜାତିପ୍ରଥା କ୍ଷୀଣ ହୋଇଆସିଛି ଓଡ଼ିଶାରେ। 'କଲିକତାରେ ରାତି ନାହିଁ, ପୁରୀରେ ଜାତି ନାହିଁ', ଢଗଟି ଅନେକ ଦିନ ତଳୁ ଗଡ଼ିଗଡ଼ି ଆସିଛି ଜନଶ୍ରୁତିରେ। ପ୍ରକୃତପକ୍ଷେ କିନ୍ତୁ ପୁରୀରେ କେବଳ ନୁହେଁ, ଓଡ଼ିଶାରେ ଜାତି ଅର୍ଥାତ୍ ଜାତି ବିଦ୍ୱେଷ ନାହିଁ କହିଲେ ଅତିଶୟୋକ୍ତି ହେବନାହିଁ। ସ୍ୱାଧୀନ ଭାରତରେ ଜାତି, ଜନମତର ଆଧାର ପାଲଟିଛି। ସଂଖ୍ୟାଗରିଷ୍ଠ ଜାତିର ଲୋକଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିବା ମାନସିକତାରୁ ଭାରତର କୌଣସି ରାଜନୈତିକ ଦଳ ମୁକ୍ତ ନୁହନ୍ତି। ପ୍ରଭାବଶାଳୀ ଜାତିର ଲୋକେ ରାଜ୍ୟଶାସନର ମଙ୍ଗ ଧରିବାର ଦୃଷ୍ଟାନ୍ତରେ ଦେଶର କ୍ଷମତା ରାଜନୀତି ପରିପୂର୍ଣ୍ଣ। କିନ୍ତୁ ଓଡ଼ିଶାରେ ଜାତି କେବେ ରାଜନୀତିର ଭିତ୍ତି ହୋଇନାହିଁ। ଏହା ଓଡ଼ିଶାବାସୀଙ୍କ ଆଧୁନିକ ମନୋବୃତ୍ତିର ପରିଚାୟକ। ନାରୀଜାଗୃତି ଓ ସମାଜର ଅଣପାରମ୍ପରିକ କ୍ଷେତ୍ରରେ ନାରୀମାନଙ୍କ ଅଂଶଗ୍ରହଣ ଆଧୁନିକତାର ଅନ୍ୟ ଏକ ବଳିଷ୍ଠ ଉପାଦାନ। ସେ ଦୃଷ୍ଟିରୁ ମଧ୍ୟ ଓଡ଼ିଶା ଆଧୁନିକ ଦୃଷ୍ଟିଭଙ୍ଗୀର ସଙ୍କେତ ବହନ କରେ। ଭୌମକର ରାଜବଂଶର ମହାରାଣୀମାନେ ଏକଦା ପ୍ରାୟ ଏକ ଶତାବ୍ଦୀ ଧରି ଓଡ଼ିଶାକୁ ଶାସନ କରିଥିଲେ। ସେଥିଲାଗି ସେକାଳରେ ଓଡ଼ିଶା ପ୍ରମିଳା-ରାଜ୍ୟ ଭାବରେ ଜଣାଶୁଣା ଥିଲା। ତେବେ ଏ ତ ବହୁ ଅତୀତର କଥା। ସ୍ୱାଧୀନତା ସଂଗ୍ରାମ ସମୟରେ ଓଡ଼ିଶାର ନାରୀମାନଙ୍କ ଅଗ୍ରଣୀ ଭୂମିକା ଦେଶକୁ ଚକିତ କରିଥିଲା। ରମା ଦେବୀ, ସରଳା ଦେବୀ, ସରୋଜିନୀ ଚୌଧୁରୀଙ୍କ ଠାରୁ ଗୋଦାବରୀ ଦେବୀ, ପାର୍ବତୀ ଗିରି, କୋକିଳା ଦେବୀ, ଜାହ୍ନବୀ ଦେବୀ ଓ ସୁଭଦ୍ରା ମହତାବଙ୍କ ପର୍ଯ୍ୟନ୍ତ ଅଗଣିତ ନେତ୍ରୀ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ପ୍ରବାହକୁ ପ୍ରଖର କରିଥିଲେ। ସଂବିଧାନ ସଭାର ପନ୍ଦର ଜଣ ମହିଳାଙ୍କ ମଧ୍ୟରୁ ଅନ୍ୟତମ ଥିଲେ ମାଳତୀ ଦେବୀ। ମହାତ୍ମା ଗାନ୍ଧୀ ଉତ୍କଳର ନେତ୍ରୀମାନଙ୍କ ପ୍ରଶଂସାରେ ହୋଇଥିଲେ ଶତଜିହ୍ୱ। ବୀରରମଣୀ ଲକ୍ଷ୍ମୀଇନ୍ଦିରା ପଣ୍ଡାଙ୍କ ଆଜାଦ ହିନ୍ଦ ଫୌଜରେ ଯୋଗଦାନ ଏ କ୍ଷେତ୍ରରେ ଏକ ଅଭୁଲା ଉଦାହରଣ। ଯେତେବେଳେ ସାହିତ୍ୟରେ ନାରୀମାନଙ୍କ ପ୍ରବେଶ ସୀମିତ ଥିଲା, ସେତେବେଳେ ମାଧବୀ ଦାସୀ ଓ ବୃନ୍ଦାବତୀ ଦାସୀ ଓଡ଼ିଆ ଗୀତ ରଚନା କରି ଦେଶରେ ଇତିହାସ ସୃଷ୍ଟି କରିଥିଲେ। ପରବର୍ତ୍ତୀ କାଳରେ କୁନ୍ତଳାକୁମାରୀ ସାବତ, ରେବା ରାୟ, ସୀତାଦେବୀ ଖାଡ଼ଙ୍ଗା, ବସନ୍ତ କୁମାରୀ ପଟ୍ଟନାୟକ ଓ ବୀଣାପାଣି ମହାନ୍ତିଙ୍କଠାରୁ ପ୍ରତିଭା ରାୟଙ୍କ ପର୍ଯ୍ୟନ୍ତ ଓଡ଼ିଶାର ସାରସ୍ୱତ ସାଧିକାମାନଙ୍କ ରଚନାରେ ଭାରତୀୟ ସାହିତ୍ୟ ପୁଷ୍କଳ ହୋଇଛି। ଏକଦା ମହିଳାମାନଙ୍କ ପାଇଁ ମନା ଥିବା ସେନା ଓ ଆରକ୍ଷୀ ବାହିନୀ, କ୍ରୀଡ଼ା ଓ ବିମାନ ଚାଳନା ତଥା ଶିଳ୍ପ, ବାଣିଜ୍ୟ ପରି କ୍ଷେତ୍ରରେ ଓଡ଼ିଆ ଝିଅମାନଙ୍କ ବ୍ୟାପକ ଅଂଶଗ୍ରହଣ ଓଡ଼ିଶା ଇତିହାସର ମୋଡ଼ ବଦଳାଇଛି। ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଓଡ଼ିଶାରେ ଏପରି କୌଣସି ବିଧାନସଭା ଗଠିତ ହୋଇନାହିଁ ଯେଉଁଠି ମହିଳାମାନଙ୍କ ପ୍ରତିନିଧିତ୍ୱ ନାହିଁ। ଦୁଇ ଜଣ ବିଧାୟିକା ପ୍ରମିଳା ମଲ୍ଲିକ ଓ ସୁରମା ପାଢ଼ୀ ଓଡ଼ିଶା ବିଧାନସଭାର ବାଚସ୍ପତି ହେବାର ଗୌରବ ଲାଭ କରିଥିବାବେଳେ ଆମ ପଡ଼ୋଶୀ ଆନ୍ଧ୍ର ବିଧାନସଭାରେ ଜଣେ ମହିଳା ବାଚସ୍ପତି ପଦମଣ୍ଡନ କରିଛନ୍ତି। ବଙ୍ଗ ବିଧାନସଭାରେ ଏ ପର୍ଯ୍ୟନ୍ତ କୌଣସି ମହିଳା ବାଚସ୍ପତି ହୋଇନାହାନ୍ତି। ସେହିପରି ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ସ୍ୱନାମଧନ୍ୟା। ଜଣେ ମହିଳା ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ଚାରି ଦଶନ୍ଧି ପରେ ବଙ୍ଗ ପ୍ରଦେଶ ମହିଳା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ସହିତ ପରିଚିତ ହେଲା। ଆନ୍ଧ୍ରପ୍ରଦେଶରେ ଏ ଯାବତ୍ କୌଣସି ମହିଳା, ମୁଖ୍ୟମନ୍ତ୍ରୀ ପଦାସୀନ ହୋଇନାହାନ୍ତି। ଓଡ଼ିଆ ମହିଳା କେନ୍ଦ୍ରମନ୍ତ୍ରୀ ହେବାର କେତେ କାଳ ପରେ ବଙ୍ଗ ଓ ଆନ୍ଧ୍ରର ମହିଳା କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ନନ୍ଦିନୀ ଦେବୀ ୧୯୬୬ ମସିହାରେ ଇନ୍ଦିରା କ୍ୟାବିନେଟରେ ପ୍ରଥମେ ମନ୍ତ୍ରୀ ଥିଲାବେଳେ ବଙ୍ଗବାଲା ମମତା ବାନାର୍ଜୀ ୧୯୯୧ ମସିହାରେ ନରସିଂହ ରାଓ କ୍ୟାବିନେଟରେ ଓ ଆନ୍ଧ୍ରତନୟା ପ୍ରଣବାକା ଲକ୍ଷ୍ମୀ ୨୦୦୪ ମସିହାରେ ମନମୋହନ ସିଂହ କ୍ୟାବିନେଟରେ ପ୍ରଥମକରି ମନ୍ତ୍ରୀ ହୋଇଥିଲେ। ଜାତୀୟ ମହିଳା କମିସନ୍‌ର ପ୍ରଥମ ଅଧ୍ୟକ୍ଷା ମଧ୍ୟ ଜଣେ ଓଡ଼ିଆ ମହିଳା- ଜୟନ୍ତୀ ପଟ୍ଟନାୟକ। ତେବେ ଉତ୍କଳ ଜନନୀଙ୍କ ପ୍ରିୟପୁତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ପଦମଣ୍ଡନ ଓଡ଼ିଶାରେ ନାରୀ ନେତୃତ୍ୱର ସୁଦୀର୍ଘ ପରମ୍ପରାର ସର୍ବୋତ୍କୃଷ୍ଟ ଉଦାହରଣ।

## ଦାଦନ ଶ୍ରମିକଙ୍କ ସମସ୍ୟା ଶୋଷଣର ଅବସାନ ଘଟିବ କେମିତି !

ଗଲା ୧୪ ଅକ୍‌ଟୋବର, ୨୦୨୪ ଦିନ ଓଡ଼ିଶା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅତ୍ୟନ୍ତ ସମୟୋପଯୋଗୀ ଓ ପ୍ରାସଙ୍ଗିକ; କେତେକ ଦୃଷ୍ଟିରୁ ଐତିହାସିକ ମଧ୍ୟ। ଏହି ବିଜ୍ଞପ୍ତି ଅନୁସାରେ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ୨୦ ଜଣିଆ ଉଚ୍ଚ କ୍ଷମତାସଂପନ୍ନ ଟାସ୍କ୍ ଫୋର୍ସ ଗଠନ କରାଯାଇଅଛି, ଯାହା ଅନ୍ୟୁନ ୧୦ ଲକ୍ଷ କଷଣ ପ୍ରପୀଡ଼ିତ ଦାଦନ ଶ୍ରମିକଙ୍କ ଜୀବନରେ ଆଶ୍ୱସ୍ତି ଆଣିବ ବୋଲି ଆଶା କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଟାସ୍କ୍ ଫୋର୍ସ ଦ୍ୱାରା ବିଚାରଯୋଗ୍ୟ ଓ ଗ୍ରହଣୀୟ ହେବା ଭଳି କେତେକ ପରାମର୍ଶ ପ୍ରଦାନ କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ। ସଂବିଧାନ ଅନୁଯାୟୀ ଭାରତୀୟ ନାଗରିକମାନେ ଦେଶର ଯେ କୌ ?ଣସି ପ୍ରାନ୍ତକୁ ଯିବା, ବସବାସ କରିବା ଓ ବୃତ୍ତି ଗ୍ରହଣ କରିବା ହେଉଛି ଏକ ମୌଳିକ ଅଧିକାର। ତେଣୁ ବିଭିନ୍ନ ରାଜ୍ୟ ଭଳି ଆମ ରାଜ୍ୟରୁ ମଧ୍ୟ ଶ୍ରମିକମାନଙ୍କ ଅନ୍ୟାନ୍ୟ ରାଜ୍ୟକୁ ବହିର୍ଗମନ ଚାଲୁ ରହିଥାଏ। ବିଭିନ୍ନ କାରଣରୁ ଲୋକେ ବାହାର ରାଜ୍ୟକୁ ଯାଆନ୍ତି; ଯେମିତି କି ଜୀବିକା ଅନ୍ୱେଷଣ, ଉଚ୍ଚତର ମଜୁରି ଓ ଉଚ୍ଚ ମାନର ଜୀବନଯାପନର ଆକାଂକ୍ଷା ଓ ଆର୍ଥିକ ତଥା ସାମାଜିକ ସ୍ତରରେ ସ୍ୱାବଲମ୍ବୀ ହେବାର ପ୍ରୟାସ। ତେବେ ଦେଖାଯାଏ ଯେ ଉନ୍ନତ ପାରିଶ୍ରମିକ ଓ କାର୍ଯ୍ୟସ୍ଥଳ, ଅନୁକୂଳ କାର୍ଯ୍ୟ ପରିବେଶ ଓ ଉନ୍ନତ ଜୀବନଯାପନର ସୁଯୋଗର ମିଛ ପ୍ରଲୋଭନ ଦେଖାଇ ସେମାନଙ୍କୁ ନିୟୋଜିତ କରାଯାଏ ସିନା, ଶୋଷଣ ଓ ନିର୍ଯ୍ୟାତନାର ଶିକାର କରାଯାଏ। ଏହାର ତାଲିକା ବେଶ୍ ଲମ୍ବା। ଏକତରଫା ସର୍ତ୍ତାବଳୀ ଜରିଆରେ ଶ୍ରମିକ ପ୍ରତିକୂଳ ପରିବର୍ତ୍ତନମାନ ଘଟାଇ (ନିଳାମ୍ବର ନିୟାଲ ଓ ଧାଙ୍ଗଡ଼ା ମାଝୀଙ୍କ ଘଟଣା, ୧୫ ଡିସେମ୍ବର, ୨୦୧୩) ବା ଆଇନାନୁମୋଦିତ ସୀମାଠାରୁ ଅଧିକ ସମୟ ଖଟାଇ ଅବା ଶ୍ରମିକଙ୍କ ରହିବାର କୌଣସି ବ୍ୟବସ୍ଥା ନ କରି କିଂବା ଆଇନ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରିରୁ ବଞ୍ଚିତ କରି ବା ନିର୍ଦ୍ଧାରିତ ସମୟ ଠାରୁ ଅଧିକ ସମୟ କାମ କଲେ ମିଳୁଥିବା ପାରିଶ୍ରମିକରୁ ବଞ୍ଚିତ କରି କିମ୍ବା ସପ୍ତାହରେ ଗୋଟିଏ ଦିନ ପୂରା ମଜୁରି ସହ ଛୁଟି ନ ଦେଇ ବା ଛୁଟି ଦିନରେ କାମ କଲେ ସୁଦ୍ଧା ମଜୁରିର ଦୁଇ ଗୁଣ ପ୍ରାପ୍ୟ ପ୍ରଦାନ ନ କରି ବା କାର୍ଯ୍ୟ ଓ ଆବାସ ସ୍ଥାନରେ ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ଉନ୍ନତ ପରିବେଶ ଉପରେ ଦୃଷ୍ଟି ନ ଦେଇ ବା ଶ୍ରମିକମାନଙ୍କୁ ଅତ୍ୟଧିକ ଧୂଳି, ଉତ୍ତାପ, ବିଷାକ୍ତ ବାଷ୍ପ ଓ ବିଷାକ୍ତ ବର୍ଜ୍ୟବସ୍ତୁର ପ୍ରଭାବରୁ ମୁକ୍ତ ରହିବାର ବ୍ୟବସ୍ଥା ନ କରି ବା କାମ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଶ୍ରମିକ ମୃତାହତ ହେଲେ କି ଅକର୍ମଣ୍ୟ ହୋଇଗଲେ କ୍ଷତିପୂରଣ ନ ଦେଇ ବା ଦୁର୍ଘଟଣା ବିଷୟରେ ଶ୍ରମ ବିଭାଗର ଅଧିକାରୀଙ୍କୁ ଟିକିନିଖି ସୂଚନା ନ ଦେଇ ବା ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାର ନିୟମିତ ଯାବି ଓ ରୋଗ ହେଲେ ହସ୍‌ପିଟାଲ ନେବାର ବ୍ୟବସ୍ଥା ନ କରି ବା ସମାନ କାମ ପାଇଁ ମହିଳାମାନଙ୍କୁ ପୁରୁଷମାନଙ୍କ ସହ ସମାନ ମଜୁରି ନ ଦେଇ ବା ରାତିର ବିଳମ୍ବିତ ପ୍ରହର ଯାଏ ମହିଳାମାନଙ୍କୁ କାମ କରାଇ ଓ ମହିଳାମାନଙ୍କୁ ମାତୃତ୍ୱକାଳୀନ ସୁବିଧାରୁ ବଞ୍ଚିତ କରି ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ଘୋର ନିର୍ଯ୍ୟାତନାର ଆବର୍ତ୍ତ ମଧ୍ୟକୁ ଠେଲି ଦିଅନ୍ତି।  ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ଉତ୍କଟ ଦାଦନ ସମସ୍ୟା ଓଡ଼ିଶାକୁ ଆକ୍ରାନ୍ତ କରି ରଖିଛି। ଏହି ସମସ୍ୟାର ନିରାକରଣ ପାଇଁ ଅନେକ ଆଇନ ପ୍ରଣୟନ, ବ୍ୟବସ୍ଥାରେ ସଂଶୋଧନ, ସମୟୋଚିତ ପ୍ରଶାସନିକ ପଦକ୍ଷେପମାନ ନିଆଯାଉଥିଲେ ମଧ୍ୟ ଆଶାନୁଯାୟୀ ଫଳ ମିଳିପାରି ନାହିଁ। ଏହା ନିଶ୍ଚିତ ଭାବେ ଏକ ଚିନ୍ତାର କାରଣ।  କମ୍ ଓ ଅସମାନ ବର୍ଷା, ପର୍ଯ୍ୟାପ୍ତ ଜଳସେଚନର ଅଭାବ, ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ, ଭୂମିହୀନତା, ସମ୍ବଳହୀନତା, ବଡ଼ ପରିବାରଜନିତ ଅଭାବ, ସ୍ଥାନୀୟ ଅଞ୍ଚଳରେ ଉଦ୍ୟୋଗ ଓ ନିଯୁକ୍ତିର ଅଭାବ ଇତ୍ୟାଦି ହେଉଛି ଶ୍ରମିକ ସ୍ଥାନାନ୍ତରଣ ପଛରେ ଥିବା କେତେକ ବଡ଼ କାରଣ। ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଏହି କାରଣଗୁଡ଼ିକ ପ୍ରାଞ୍ଜଳ ଭାବେ ଦୃଶ୍ୟମାନ ହୋଇଥାଏ। ଶ୍ରମିକମାନଙ୍କର ଅସଚେତନତା, ନିରକ୍ଷରତା, ଅନଗ୍ରସରତା ତଥା ଗ୍ରାମାଞ୍ଚଳରେ ବଳିଷ୍ଠ ଶ୍ରମ ସଂଗଠନର ଅଭାବ ଏହି ଦୁଃସ୍ଥିତିକୁ ଅଧିକ ଉତ୍କଟ କରିଦେଇଛି। ଏହି ପରିପ୍ରେକ୍ଷୀରେ ଦାଦନ ସମସ୍ୟାର ନିରାକରଣ ପାଇଁ କେତେକ ରଣନୀତି ବିଚାରଯୋଗ୍ୟ ଭଳି ମନେ ହୋଇଥାଏ। ଏବେ ତା' ଉପରେ ଟିକିଏ ଦୃଷ୍ଟି ପକାଇବା। ପ୍ରଥମ କଥା ହେଲା, ଯେଉଁ ରାଜ୍ୟରୁ ଦାଦନ ଶ୍ରମିକ ଯାଉଛନ୍ତି, ସେହି ରାଜ୍ୟ ସରକାର ଚିହ୍ନଟ କରିବେ ଯେ କେଉଁ ଜାଗାରୁ କେଉଁ ଜାଗାକୁ ଓ କେଉଁ କାରଣରୁ ଶ୍ରମିକମାନେ ଯାଉଛନ୍ତି। ସେମାନେ କେଉଁ ସମୟରେ ଯାଉଛନ୍ତି ଓ ପରିବାର ସହ ଯାଉଛନ୍ତି ନା ଏକାକୀ ଯାଉଛନ୍ତି! ଏହାର ଏକ ତାଲିକା ପ୍ରସ୍ତୁତ କରି ତା' ଆଧାରରେ ଏକ ସ୍ୱଳ୍ପମିଆଦି ଓ ଦୂରଦୃଷ୍ଟିସଂପନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବା ଦରକାର। ଏହି ତାଲିକା ପ୍ରସ୍ତୁତି ବେଳେ ଭୂମି, ସମ୍ବଳ, ସଂଦର୍ଭ, ଜଳସେଚନର ସ୍ଥିତି, ଉତ୍ପାଦନ ଓ ଉତ୍ପାଦକତାର ଅବସ୍ଥା, ନିଯୁକ୍ତି ପରିବେଶ ଓ ଭବିଷ୍ୟତ ସମ୍ଭାବନାକୁ ଆକଳନ କରାଯିବା ଜରୁରି। ଯେଉଁ ଜାଗାରୁ ଶ୍ରମିକମାନେ ଯାଉଛନ୍ତି, ସେଇ ଜାଗାରେ ସେମାନଙ୍କ ଲାଗି କର୍ମ ସଂସ୍ଥାନର ବ୍ୟବସ୍ଥା କରିବାକୁ ହେବ। ତାହା ହେଲେ ଶ୍ରମିକମାନେ ବାହାରକୁ ଯିବାର ପ୍ରଲୋଭନ ଓ ଆକର୍ଷଣରୁ ଦୂରେଇ ରହିବେ। ଶ୍ରମିକମାନେ ଆଇନ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପାଇବା ଏକାନ୍ତ ଆବଶ୍ୟକ। ସେମାନଙ୍କର ଭୂମିହୀନତା, ସମ୍ବଳର ଅଭାବ, ବୃତିହୀନତା ଓ ନିର୍ଭରଶୀଳତା ପ୍ରଭୃତିକୁ ଦୂର କରାଯିବା ଅତି ଆବଶ୍ୟକ। ତେବେ, ସମସ୍ତ ବଳିଷ୍ଠ ପଦକ୍ଷେପ ସତ୍ତ୍ୱେ ଯଦି ଦାଦନ ଖଟିବାକୁ ଯିବା ଅନିବାର୍ଯ୍ୟ ହୋଇପଡ଼େ, ତେବେ ସେ ପରିବାରର ମହିଳା ଓ ଶିଶୁମାନଙ୍କୁ ଶ୍ରମିକମାନଙ୍କ ସହ ଦୂର ଜାଗାକୁ ଯିବାରୁ ନିବୃତ କରିବାକୁ ପଡ଼ିବ। ସେମାନଙ୍କ ରକ୍ଷଣାବେକ୍ଷଣ, ସୁରକ୍ଷା ଓ ସାମାଜିକ ନିରାପତ୍ତାକୁ ସେମାନଙ୍କର ମୂଳ ବାସସ୍ଥାନ ନିକଟରେ ବନ୍ଦୋବସ୍ତ କରିବାକୁ ପଡ଼ିବ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin : 769003







# ଦେବଗଡ଼ରେ ସଡ଼କ ଭିତିଭୂମି ଓ ସୁରକ୍ଷା ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି



ସମ୍ବଲପୁର,୧୫/୧୦(ନି/ପ୍ର):ଦେବଗଡ଼ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ-୪୯ରେ ବଢୁଥିବା ଯାନବାହନ ଚଳାଚଳ ଓ ଦୁର୍ଘଟଣା ଆଶଙ୍କାକୁ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ରାସ୍ତା ସୁରକ୍ଷା ଓ ଯାତାୟାତ ସୁବିଧା ପାଇଁ ଏନ୍ଏଚ୍-୪୯ର ତିନିଟି ସ୍ଥାନରେ ଭିତିଭୂମି ବିକାଶ କରିବାକୁ ସେ ଅନୁରୋଧ କରିଛନ୍ତି । ଦେବଗଡ଼ ବାଇପାସ୍ ଆରମ୍ଭରେ ଥିବା ଆମ୍ବେଦକର ଛକର ୱାଇ-ଜଙ୍କସନ୍ ନିକଟରେ ଏକ ଫ୍ଲାଏଓଭର, ସର୍ଭିସ୍ ରୋଡ୍ ଓ ଉପଯୁକ୍ତ ଆଲୋକ ବ୍ୟବସ୍ଥା କରିବାକୁ ପତ୍ରରେ ଦାବି କରିଛନ୍ତି ଶ୍ରୀ ପ୍ରଧାନ । ଏହି ଅଂଚଳରେ କଲେକ୍ଟରେଟ୍, ନୂଆ ବସ୍‌ଷ୍ଟାଣ୍ଡ ଓ ମହିଳା କଲେଜ ଥିବାରୁ ସ୍ଥାନୀୟ ଲୋକଙ୍କ ଯାତାୟାତ ଏବଂ ଦ୍ରୁତଗାମୀ ଯାନବାହନ ଚଳାଚଳ ମଧ୍ୟରେ ଦୁର୍ଘଟଣାର ଆଶଙ୍କା ରହୁଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସେହିପରି ଏନ୍ଏଚ୍-୪୯ ଓ ଦେବଗଡ଼-ଅନୁଗୋଳ ରାସ୍ତାର ରାଜ୍ୟ ରାଜପଥ-୨୧ ମିଶୁଥିବା ବିର୍ସାମୁଣ୍ଡା ଛକରେ ସ୍ଲିପ୍ ରୋଡ୍ ସହ ଏକ ଯାନବାହନ ଚଳାଚଳଯୋଗ୍ୟ ଅଣ୍ଡରପାସ୍ ନିର୍ମାଣ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ଦ୍ରୁତଗାମୀ ଓ ସ୍ଥାନୀୟ ଯାନବାହନ ମୁହାଁମୁହିଁ ହେଉଥିବାରୁ ଏଠାରେ ଗୁରୁତର ଦୁର୍ଘଟଣାର ଆଶଙ୍କା ରହୁଛି ବୋଲି ଚିଠିରେ କୁହାଯାଇଛି । କଲା, କନ୍ଧଳ ଓ ତିଲେଇବଣି ଭଳି ଜନବସତି ଅଂଚଳରେ ସର୍ଭିସ୍ ରୋଡ୍, ଡ୍ରେନ୍, ପଥଚାରୀଙ୍କ ପାଇଁ ପୃଥକ ଗାର୍ଡରେଲ୍ ଏବଂ ହାଇୱେ ଲାଇଟିଂ ବ୍ୟବସ୍ଥା କରିବାକୁ ମଧ୍ୟ ସାଂସଦ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଏହାଦ୍ୱାରା ସ୍ଥାନୀୟ ଯାତାୟାତକୁ ଦ୍ରୁତଗାମୀ ଟ୍ରାଫିକ୍‌ଠାରୁ ପୃଥକ କରି ପଥଚାରୀଙ୍କ ସୁରକ୍ଷା ବଢ଼ାଯାଇପାରିବ ବୋଲି ସେ ମତ ଦେଇଛନ୍ତି । ଦେବଗଡ଼ବାସୀଙ୍କ ସୁରକ୍ଷା ଓ ସୁଗମ ଯାତାୟାତକୁ ଦୃଷ୍ଟିରେ ରଖି ପ୍ରସ୍ତାବଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ମଞ୍ଜୁର କରିବାକୁ ଏବଂ ଏନ୍ଏଚ୍ଏଆଇକୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି । ଏନେଇ ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି ।

# ହୀରାକୁଦରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମହାନଗର ନିଗମ କମିଶନର



ସମ୍ବଲପୁର,୧୫/୧୦(ନି/ପ୍ର): ସମ୍ବଲପୁର ମହାନଗର ନିଗମ କମିଶନର ରେହାନ କ୍ଷତ୍ରୀ ହୀରାକୁଦରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ଅନୁଧ୍ୟାନ କରିବା ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଏଚ୍ଆଇଡବ୍ଲ୍ୟୁ ନିକଟରେ ଚାଲିଥିବା କଲଭର୍ଟ ନିର୍ମାଣ କାର୍ଯ୍ୟର ସମୀକ୍ଷା ପରେ ସେ ଗୁଜାତଲସ୍ଥିତ ଶ୍ମଶାନଘାଟ ପରିଦର୍ଶନ କରିଥିଲେ । ଶ୍ମଶାନଘାଟର ସ୍ଥାନାନ୍ତର ସମ୍ପର୍କରେ ସେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କଲ୍ୟାଣ ମଣ୍ଡପର ପୁନରୁଦ୍ଧାର ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଲୋକଙ୍କ ପ୍ରସ୍ତାବ ଗ୍ରହଣ କରିଥିଲେ । ଏହା ସହ ପ୍ରସ୍ତାବିତ ଖାଓ ଗଲି, ବସ୍‌ଷ୍ଟାଣ୍ଡ ଓ ଅଙ୍ଗନବାଡ଼ିକେନ୍ଦ୍ରଆଦିସ୍ଥାନ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ସମାଜସେବୀ କାର୍ତ୍ତିକ କଲେତ, ମନୋଜ ଷଣ୍ଢ, ଅମନ ମହାନନ୍ଦ, ଦିଲୀପ ସୁନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ହୀରାକୁଦବାସୀଙ୍କ ସମସ୍ୟାର ସମାଧାନ ଓ ଆବଶ୍ୟକୀୟ କାର୍ଯ୍ୟଗୁଡ଼ିକୁ ଶୀଘ୍ର ଆଗେଇ ନେବା ଉପରେ ଏହି ପରିଦର୍ଶନରେ ଗୁରୁତ୍ୱ ଦିଆଯାଇଥିଲା ।

# ଟାଙ୍ଗରାଣି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

## ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ

ସମ୍ବଲପୁର,୧୫/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ବଡ଼ମାଳ ପଂଚାୟତର ଟାଙ୍ଗରାଣି ଆବାସିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୨୬-୨୭ ଶିକ୍ଷା ବର୍ଷର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଭୋଜପୁର ସରକାରୀ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ରଣା ମୁଖ୍ୟ ଅତିଥି ଏବଂ ଭୋଜପୁର ବିଆର୍‌ଜି କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ବଡ଼ମାଳ ସମିତି ସଭ୍ୟା ଜେମାଦେଇ ମାଝୀ, ଟାଙ୍ଗରାଣି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ସମିତି ସଭ୍ୟ ହୃଦାନନ୍ଦ ନାଏକ, ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପାଶନା ସ୍ୱାଇଁ, ଟାଙ୍ଗରାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ନାଏକ, ଏସ୍ଏମ୍‌ସି ସଦସ୍ୟ ଜଗବନ୍ଧୁ ସୁନାନୀ, ବିଦ୍ୟାଳୟର ଭୂମିଦାତା ସୁନୀଲ ପ୍ରସାଦ ନାୟକ ଏବଂ ଭୋଜପୁର ସିଆରସିସି ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ପାଠପଢ଼ା ସହ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକଳାପ ଓ ସୃଜନଶୀଳ ପ୍ରତିଯୋଗିତାରେ ଭାଗନେଇ ନିଜ ପ୍ରତିଭାର ବିକାଶ କରିବା ସହ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଗଣ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ରଙ୍ଗୋଲି, ରଚନା, ବିତର୍କ ଓ କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେଇଥିଲେ । ପ୍ରତିଯୋଗିତା ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ପିଲାମାନେ ଆକର୍ଷଣୀୟ ଭାବେ ନିଜ ନିଜର କଳା ଓ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା କୁଚିଣ୍ଡା-ଲଇକେରାର ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ଯୋଗ ଦେଇଥିବା ବେଳେ ଭୋଜପୁର ବିଆରଜି କଲେଜର ଅଧ୍ୟକ୍ଷ ଘାସିରାମ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେମାନେ ବିଦ୍ୟାଳୟର ଉନ୍ନତି ସହ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ରବାନ୍ ଓ ଦାୟିତ୍ୱବାନ୍ ନାଗରିକ ଭାବେ ଗଢ଼ିତୋଳିବା ଉପରେ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଇଂରାଜୀ ଶିକ୍ଷକ ହରେକୃଷ୍ଣ ନାୟକ, ବିଜ୍ଞାନ ଶିକ୍ଷକ ସୁବ୍ରତ କୁମାର ପଣ୍ଡା, ସମିତି ସଭ୍ୟା ଜେମାଦେଇ ମାଝୀ, ଧୁଡ଼ିପାଲି ସିଆରସିସି ବିକାଶ ରଞ୍ଜନ ପୃଷ୍ଠେ ଏବଂ ସରେଇ ସିଆରସିସି ରମଣୀ କିସାନଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମାନସ ରଞ୍ଜନ ପଟେଲ ମଂଚ ପରିଚାଳନା କରିଥିବା ବେଳେ ଚକ୍ରଧର ମାଝୀ ପୁରସ୍କାର ବିତରଣ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଟାଙ୍ଗରାଣି ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ନାୟକ, ପ୍ରମୋଦ କୁମାର ସାହୁ, ବୀରେନ୍ଦ୍ର ଦାସ, ମାନସ ରଞ୍ଜନ ପଟେଲ, ପ୍ରଦୀପ କୁମାର ନାୟକ, ନମିତା ନାୟକ, ମିନାକ୍ଷୀ ପଟେଲ, ରୂପେଶ କୁମାର ପଟେଲ, ଅଶ୍ୱିନୀ ପ୍ରଧାନ, ହାରବୁ ଓରାମ ଓ ସୁଜିତ ଶେଉଳ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଭୋଜପୁର ସିଆରସିସି ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ହସ୍ପିଟାଲ ପହଚାଂଇଲେ ସାମ୍ବାଦିକ



ସମ୍ବଲପୁର,୧୫/୧୦(ନି/ପ୍ର): ସମ୍ବଲପୁର ସହରର ଚର୍ଚ୍ଚ ଛକ ନିକଟରେ ଏକ ମୋଟରସାଇକେଲ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କୁ ସାମ୍ବାଦିକ ଗୌତମ ମିଶ୍ର ଉଦ୍ଧାର କରି ସଦର ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି । ତାଙ୍କ ଏହି ତତ୍ପରତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୩ଟାରେ ଚର୍ଚ୍ଚ ଛକ ନିକଟରେ ଜଣେ ଯୁବକ ଅନ୍ୟ ଏକ ଗାଡ଼ିକୁ ଓଭରଟେକ୍ କରିବାକୁ ଯାଉଥିବା ବେଳେ ବାଇକ୍‌ର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଏଥିରେ ସେ ରାସ୍ତା ଉପରେ ପଡ଼ି ଗୁରୁତର ଆହତ ହେବା ସହ ତାଙ୍କ ଶରୀରରୁ ରକ୍ତସ୍ରାବ ହୋଇଥିଲା । ସେହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ସାମ୍ବାଦିକ ଗୌତମ ମିଶ୍ର ଘଟଣାସ୍ଥଳରେ ଅଟକିଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତ ଯୁବକଙ୍କୁ ଉଦ୍ଧାର କରି ସେ ନିଜ ଗାଡ଼ିରେ ସଦର ହସ୍ପିଟାଲକୁ ନେଇଥିଲେ । ଯୁବକଙ୍କୁ ହସ୍ପିଟାଲର ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ ହୋଇଛି । ଠିକ୍ ସମୟରେ ହସ୍ପିଟାଲ ଆଣିବା ଫଳରେ ଜରୁରୀ ଚିକିତ୍ସା ଯୋଗାଇବା ସହଜ ହୋଇଥିବା ଡାକ୍ତର କହିଛନ୍ତି । ଗୌତମ ମିଶ୍ରଙ୍କ ଏହି ମାନବିକ ପଦକ୍ଷେପ ପାଇଁ ତାଙ୍କୁ ସାଧାରଣରେ ପ୍ରଶଂସା କରାଯାଉଛି ।

# ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ରାଜ୍ୟ ଫେଡେରେସନର ଆଲୋଚନା



ସମ୍ବଲପୁର,୧୫/୧୦(ନି/ପ୍ର):ପ୍ରାଥମିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ପଦୋନ୍ନତି ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳ ବଳିରାମ ବୋନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହାପରେ ଜିଲ୍ଲାପାଳଙ୍କ ସହ ସାକ୍ଷାତ ଆଲୋଚନା ହୋଇଥିଲା । ମଙ୍ଗଳବାର ସନ୍ଧ୍ୟା ୭ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନାରେ ଶ୍ରୀ ବୋନ୍ଦର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ପଦୋନ୍ନତି ପ୍ରକ୍ରିୟାର ସମୀକ୍ଷା କରାଯିବ ବୋଲି କହିଥିଲେ । ଦାବିପତ୍ରରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା ଏବଂ ଶିକ୍ଷକଙ୍କ ବିରୋଧରେ ହେଉଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେଇ ଫେଡେରେସନ ଉଦ୍‌ବେଗ ପ୍ରକାଶ କରିଛି । ଶିକ୍ଷକଙ୍କ ନ୍ୟାୟସଙ୍ଗତ ଦାବି ଓ ସମସ୍ୟାଗୁଡ଼ିକୁ ବିଚାରକୁ ନେଇ ତୁରନ୍ତ ସମାଧାନ କରିବା ସହ ପଦୋନ୍ନତି କ୍ଷେତ୍ରରେ ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଶିକ୍ଷକଙ୍କ ଅଭିଯୋଗ ଓ ସମସ୍ୟାକୁ ଶିକ୍ଷା ବିଭାଗ ଗୁରୁତ୍ୱର ସହ ବିଚାର କରୁ ବୋଲି ଫେଡେରେସନ ଅନୁରୋଧ କରିଛି । ଜିଲ୍ଲାପାଳ ଶ୍ରୀ ବୋନ୍ଦର ଙ୍କ ସହିତ ଫେଡେରେସନର କର୍ମକର୍ତ୍ତା ଆଲୋଚନା କରିବା ପୂର୍ବରୁ ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ ଙ୍କୁ ମଧ୍ୟ ଭେଟି ଆଲୋଚନା କରିଥିଲେ ଓ ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନର ରାଜ୍ୟ ସାଧାରଣ ସମ୍ପାଦକ ବଭ୍ରୁବାହନ ଭୋଇଙ୍କ ନେତୃତ୍ୱରେ ଫେଡେରେସନ ସଦସ୍ୟ ସତ୍ୟନାରାୟଣ ବେହେରା, ରାଜ୍ୟ ସମୀକ୍ଷକ ମହେଶ୍ୱର ସାହୁ, ବୀଣାପାଣି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁଜିବୁଦ୍ଦିନ ଖାନ, କୁନ୍ଦନ ଭୋଇ, ପ୍ରମୋଦିନୀ ମହାପାତ୍ର, ବିଜୟିନୀ ମହାପାତ୍ର ଓ ରେଣୁକା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଜାନୁଆରି ୧୨ରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

## ବଦଳିବ କଂସ ମହାରାଜ



ବରଗଡ଼ ,୧୫/୧୦(ନି/ପ୍ର): ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଧନୁଯାତ୍ରାର ୭୮ତମ ସଂସ୍କାର ଜାନୁଆରି ୧୨ରୁ ଆରମ୍ଭ ହେବ । ତେବେ ଚଳିତ ଧନୁଯାତ୍ରାରେ କଂସ କିଏ ହେବ ସେନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଆଜି (ମଙ୍ଗଳବାର) ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଧନୁଯାତ୍ରା ୨୦୨୬-୨୭ ଜାନୁଆରୀ ୧୨ ରୁ ୨୨ ତାରିଖ ଯାଏଁ ଆୟୋଜନ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ଏହା ବ୍ୟତୀତ ଧନୁଯାତ୍ରାର ମୁଖ୍ୟ ଆକର୍ଷଣ ତଥା ମହାନାୟକ କଂସ ଭୂମିକା ପାଇଁ କଳାକାର ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ତର୍କସଙ୍ଗତ ଏବଂ ଉଚିତ ସାଂସ୍କୃତିକ ପ୍ରଣାଳୀ ଅନୁସରଣ କରି ଆସନ୍ତା ୧୫ ଦିନ ମଧ୍ୟରେ ସମ୍ପାଦନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୨,୧୩,୩୧,୨୩୯ ଟଙ୍କାର ବଳକା ପାଣ୍ଠି ରହିଛି । ୨୦୨୫-୨୬ ବର୍ଷ ପାଇଁ ମୋଟ ୩,୫୦,୮୭,୮୧୬ ଟଙ୍କା ଖର୍ଚ୍ଚ ହୋଇଛି । ଏହି ସମୀକ୍ଷା ସହିତ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ଯେ ଏଥର ଧନୁଯାତ୍ରା ଶେଷ ହେବାର ୩୦ ଦିନ ମଧ୍ୟରେ ବିଭିନ୍ନ କମିଟି ଏବଂ ସେଗୁଡ଼ିକର ଆବାହକମାନେ ସେମାନଙ୍କର ସମସ୍ତ ଖର୍ଚ୍ଚ ହିସାବ ସମିତି ନିକଟରେ ଦାଖଲ କରିବେ । ଏହି ବୈଠକରେ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତିବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଏ.ବି ସିଲ୍ପାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ସମିତିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ । ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ସଭା ପରିଚାଳନା କରିଥିଲେ ।ଆଜି (ମଙ୍ଗଳବାର) ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା ।

# ଡା. ରମଣୀରଞ୍ଜନ ହୋତାଙ୍କ ପରଲୋକ



ସମ୍ବଲପୁର,୧୫/୧୦(ନି/ପ୍ର): ସମ୍ବଲପୁରର ବିଶିଷ୍ଟ ଛାତି ଓ ଯକ୍ଷ୍ମା ରୋଗ ବିଶେଷଜ୍ଞ ଡା. ରମଣୀରଞ୍ଜନ ହୋତାଙ୍କର ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ ସମ୍ବଲପୁରର ଚିକିତ୍ସା ଜଗତ ଓ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି । ଗୁରୁବାର ସମ୍ବଲପୁର ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି । ସମ୍ବଲପୁର ସହରର ଧୁଚୁରାପଡ଼ାସ୍ଥିତ ବ୍ରିଜଧାମର ବାସିନ୍ଦା ଡା. ହୋତା ହୀରାକୁଦ ବୁଡ଼ି ଅଂଚଳର ତିହୁରା ଗ୍ରାମର ମୂଳବାସିନ୍ଦା ଥିଲେ । ଲରମ୍ବା ହାଇସ୍କୁଲ, ଗଙ୍ଗାଧର ମେହେର କଲେଜ ଓ ବୁର୍ଲା ମେଡିକାଲ କଲେଜରେ ଶିକ୍ଷା ଲାଭ କରିବା ପରେ ସେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ବୃତିଗତ ଜୀବନ ଆରମ୍ଭ କରିଥିଲେ । କଳାହାଣ୍ଡି ଜିଲ୍ଲାର ଉର୍ଦ୍ଦିତନାରାୟଣପୁର ଡାକ୍ତରଖାନାରେ ସରକାରୀ ଚାକିରିରେ ଯୋଗଦେଇସେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ । ଦୀର୍ଘ କର୍ମମୟ ଜୀବନରେ ସେ ସୁନ୍ଦରଗଡ଼, ବଲାଙ୍ଗିର ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ । ପରେ ବରପାଲି ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧିକାରୀ (ସିଏମ୍ଓ) ଭାବେ କାର୍ଯ୍ୟ କରି ୨୦୦୦ ମସିହାରେ ସରକାରୀ ଚାକିରିରୁ ଅବସର ନେଇଥିଲେ । ତାଙ୍କ ବିୟୋଗରେ ସମାଜ ଜଣେ ଅଭିଜ୍ଞ ଚିକିତ୍ସା ବ୍ୟକ୍ତିତ୍ୱଙ୍କୁ ହରାଇଛି । ତାଙ୍କ ପଛରେ ପତ୍ନୀ ସାବିତ୍ରୀ, ବିବାହିତା କନ୍ୟା ସ୍ମିତା ଓ ସ୍ନିଗ୍ଧା, ପୁତ୍ର ଶୁଭେନ୍ଦୁଙ୍କ ସମେତ ପରିବାରବର୍ଗ ଅଛନ୍ତି ।

# ବାଦ୍ ପଡ଼ିଥିବା ଓ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

ସମ୍ବଲପୁର, ୧୫/୧୦(ନି/ପ୍ର): ଭାରତ ନିର୍ବାଚନ ଆୟୋଗ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲାର ସମସ୍ତ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଏକ ବ୍ୟାପକ ଓ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ସ୍ୱତନ୍ତ୍ର ନିବିଡ଼ ସଂଶୋଧନ ପ୍ରକ୍ରିୟା ପରେ ଜିଲ୍ଲାର କୌଣସି ବି ଯୋଗ୍ୟ ନାଗରିକ, ବାଦ୍ ପଡ଼ିଥିବା ଭୋଟର କିମ୍ବା ନୂତନ ଯୁବ ଭୋଟର ଯେପରି ସେମାନଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି କ୍ରମରେ ଆଜି ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକର ନିଷ୍ପତି ଅନୁଯାୟୀ ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ରର ବୁଥ୍ ସ୍ତରୀୟ ଅଧିକାରୀ(ବିଏଲ୍ଓ)ମାନେ ବର୍ତ୍ତମାନର ଚୂଡ଼ାନ୍ତ ଭୋଟର ତାଲିକା ସହିତ ୫ଓଜ ପୂର୍ବର ଭୋଟର ତାଲିକା ର ତୁଳନା କରିବେ ଏବଂ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିବେ । ଏହାପରେ ବିଏଲ୍ଓମାନେ ଚିହ୍ନଟ ହୋଇଥିବା ଭୋଟରଙ୍କ ଘରକୁ ଘର ବୁଲି ସତ୍ୟାପନ କରିବା ସହ ପ୍ରତି ସପ୍ତାହରେ ଅତି କମ୍‌ରେ ୨୦ରୁ ୨୫ ଜଣ ଭୋଟରଙ୍କୁ ସାମିଲ କରି ଆସନ୍ତା ଗୋଟିଏ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବେ । ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରୁଥିବା ସମସ୍ତ ନୂତନ ଯୁବକ-ଯୁବତୀ, ଯୋଗ୍ୟ ନାଗରିକ ଓ ବାଦ୍ ପଡ଼ିଥିବା ଭୋଟରଙ୍କ ନାମ ଫର୍ମ-୬ ମାଧ୍ୟମରେ ସାମିଲ କରାଯିବ । ଏହି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ପାରଦର୍ଶିତା ବଜାୟ ରଖିବା ପାଇଁ ବିଏଲ୍ଓମାନଙ୍କ ଦ୍ୱାରା ପ୍ରସ୍ତୁତ ତାଲିକା ସମସ୍ତ ରାଜନୈତିକ ଦଳର ବୁଥ୍ ଲେଭେଲ ଏଜେଂଟ(ବିଏଲ୍ଏ) ମାନଙ୍କ ସହ ସେୟାର କରାଯିବ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀ(ଇଆର୍ଓ)ମାନେ ଚୂଡ଼ାନ୍ତ ବୁଥ୍-ୱାରୀ ତାଲିକା ପ୍ରତିନିଧିମାନଙ୍କୁ ପ୍ରଦାନ କରିବେ । ଏଥିସହିତ ସାଧାରଣ ନାଗରିକ ଓ ଯୁବବର୍ଗଙ୍କୁ ଏହି ପ୍ରକ୍ରିୟା ସମ୍ପର୍କରେ ସଚେତନ କରିବା ପାଇଁ ବୈଠକରେ ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ବିଶେଷ ଭାବେ ଅନୁରୋଧ କରାଯାଇଛି । ଏହି ଅଭିଯାନକୁ ସଫଳ କରିବା ପାଇଁ ସମ୍ବଲପୁର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସମସ୍ତ ନାଗରିକ, ଯୁବବର୍ଗ ଏବଂ ରାଜନୈତିକ ଦଳଗୁଡ଼ିକୁ ବିଏଲ୍ଓମାନଙ୍କ ଗୃହ ଗସ୍ତ ସମୟରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଯୋଗ୍ୟ ନାଗରିକମାନେ ନିଜର ଫର୍ମ-୬ ଆବେଦନ ଭୋଟର ସର୍ଭିସ୍ ପୋର୍ଟାଲ କିମ୍ବା ଭୋଟର ହେଲ୍ପଲାଇନ ଆପ୍ ମାଧ୍ୟମରେ ଅନଲାଇନ୍ କରିପାରିବେ କିମ୍ବା ନିଜ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲ୍ଓ)ଙ୍କ ନିକଟରେ ଅଫଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ ବୋଲି ସୂଚୀତ କରାଯାଇଛି ।

# ଇନ୍‌ଟାକ୍ ଚାପ୍ଟର ଭଦ୍ରକର ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ,୧୫/୧୦(ନି/ପ୍ର):ଇନଟାକ୍ ଚାପ୍‌ଟର ଭଦ୍ରକ ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ ନିତ୍ୟାନନ୍ଦ ଭବନ, କୁଆଁସ, ଭଦ୍ରକର ଠାରେ ଶାଖାର କନଭେନର ଅବସରପ୍ରାପ୍ତ ଜିଲ୍ଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କୋ-କନ୍‌ଭେନର ପ୍ରଭାକର ମଲ୍ଲିକ ତଥା ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଗୋଲକ ବିହାରୀ ସାହୁ, ଅଜିତ୍ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର ଓ କରୁଣାକର ଉପାଧ୍ୟାୟ ମଂଚାସୀନ ହୋଇ ସଭା ପରିଚାଳନାରେ ସହଯୋଗ କରିଥିଲେ । ଇତି ମଧ୍ୟରେ ସ୍ୱର୍ଗବାସୀ ହୋଇଥିବା ସଭ୍ୟ ଅଭିମନ୍ୟୁ ମହାନ୍ତିଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସର୍ବ ପ୍ରଥମେ ଇନ୍‌ଟାକ୍‌ର ଦିଲ୍ଲୀସ୍ଥିତ ମୁଖ୍ୟ ଶାଖା ତରଫରୁ ନୁଆକରି ହୋଇଥିବା ଆଜୀବନ ସଭ୍ୟ ଓ ସାଧାରଣ ସଭ୍ୟମାନଙ୍କର ବାର୍ଷିକ ନବୀକରଣ ଦେୟ ବୃଦ୍ଧି କରାଯାଇଥିବାରୁ ସର୍ବସମ୍ମତିକ୍ରମେ ଏହା ଘୋର ବିରୋଧ କରାଯାଇ ପୂର୍ବ ନିର୍ଦ୍ଧାରିତ ଦେୟ ରାଶି କାଏମ୍ ରଖିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ଭଦ୍ରକ ଶାଖା ଇନ୍‌ଟାକ୍‌ର ବାର୍ଷିକ ଉତ୍ସବ ଆଗାମୀ ତା ୧୩.୧୨.୨୦୨୬ରିଖ ଦିନ କରାଯିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଗଲା




# ୨୦ରେ ସେକ୍ଟର-୧୩ ମେଲଣ ପଡିଆରେ ରାବଣ ଦହନ ଓ ବିଜୟା ଦଶମୀ ଉତ୍ସବ

ରାଉରକେଲା,୧୫/୧୦(ନି/ପ୍ର): ଚଳିତ ଅକ୍ଟୋବର ୨୦ ତାରିଖ ସନ୍ଧ୍ୟା ୬ଟା ସମୟରେ ରାଉରକେଲା ସେକ୍ଟର-୧୩ ମେଲଣ ପଡିଆରେ ଶ୍ରୀ ଦଶହରା ପୂଜା କମିଟି ପକ୍ଷରୁ ରାବଣ ଦହନ, ବିଜୟା ଦଶମୀ ଉତ୍ସବ ଏବଂ ଶ୍ରୀରାମଙ୍କ ରାଜ୍ୟାଭିଷେକ ଉତ୍ସବ ସମେତ ଆତିସବାଜୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗୁରୁବାର ଦିନ ଲୋରେଟୋ ଇଂରାଜୀ ସ୍କୁଲରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦଶହରା ପୂଜା କମିଟିର ସଂଯୋଜକ ସୁରେଶ କେଜରିୱାଲ ଏବଂ ସଭାପତି ରାହୁଲ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ୨୦୨୬ ଅକ୍ଟୋବର ୨୦ ତାରିଖ ସନ୍ଧ୍ୟା ୬ଟାରେ ରାଉରକେଲାର ସେକ୍ଟର-୧୩ ସ୍ଥିତ ମେଲଣ ପଡିଆରେ ରାବଣ ଦହନ, ବିଜୟାଦଶମୀ ଉତ୍ସବ ଏବଂ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ସହିତ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କମିଟିର ସଂଯୋଜକ ସୁରେଶ କେଜରିୱାଲ ଆହୁରି ସୂଚନା ଦେଇଥିଲେ ଯେ, ଚଳିତ ବର୍ଷ କମିଟିର ସଭାପତି ଭାବେ ରାହୁଲ ଅଗ୍ରୱାଲଙ୍କୁ, ସମ୍ପାଦକ ଭାବେ ପବନ ଖେମାନୀଙ୍କୁ ଏବଂ କୋଷାଧକ୍ଷ ଭାବରେ ଗୌରବ ସିଂଘଲଙ୍କୁ ନିର୍ବାଚିତ କରାଯାଇଛି। ଚଳିତ ବର୍ଷ ରାବଣ ଦହନ, ବିଜୟାଦଶମୀ ଉତ୍ସବ ଏବଂ ଭଗବାନ ରାମଙ୍କ ରାଜ୍ୟାଭିଷେକ ସମେତ ଆତିସବାଜି ଅକ୍ଟୋବର ୨୦ରେ ମେଲଣ ପଡିଆରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ପାଇଁ ଆଗ୍ରାର କାରିଗର ଶୌକତ ଅଲି ଏବଂ ନିଯୁକ୍ତ ଅଲିଙ୍କ ଦ୍ୱାରା ୫୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ଏବଂ ୫୦ ଫୁଟ କୁମ୍ଭକରଣ ନିର୍ମାଣ କରାଯାଇଛି। ଏଥିସହିତ ଏହି ଉତ୍ସବରେ ରଙ୍ଗୀନ ଆତସବାଜି, ଫାୟାର କ୍ରେକର ଏବଂ ଡିଜିଟାଲ୍ ଆଲୋକମାଳା ପ୍ରଦର୍ଶନ କରାଯିବ। ଏହି ସାମ୍ବାଦିକ



ସମ୍ମିଳନୀରେ ପୂର୍ବତନ ସଭାପତି ପବନ ଅଗ୍ରୱାଲ, ଲଳିତ କେଜ୍ରିୱାଲ, ହର୍ଷ ଖେଦାରିଆ, ବିବେକ ପୋଦ୍ଦାର, ଦର୍ଶିତ ଠକ୍କର, ଗୌରବ ଅଗ୍ରୱାଲ, ପ୍ରତୀକ ଅଗ୍ରୱାଲ,ଅର୍ମେନ୍ଦର ଚୌଧୁରୀ, କିସନ ଅଗ୍ରୱାଲ, ଦେବାଂଶ ଅଗ୍ରୱାଲ, ଭବାନୀ ସମାଲ, ରାହୁଲ ଅଗ୍ରୱାଲ, ସୌରଭ ଗୁପ୍ତାଙ୍କ ସମେତ ସଦସ୍ୟ ଉପସ୍ଥିତ ଥିଲେ। ରାବଣ ଦହନ ଏବଂ ବିଜୟାଦଶମୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଦିଲୀପ ରାୟ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର୍ ଏବଂ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଡୱାନୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ଦଶହରା ପୂଜା କମିଟି ପକ୍ଷରୁ ସେକ୍ଟର-୧୩ ମେଲଣ ପଡିଆରେ ଆୟୋଜିତ ହେବାକୁ ଥିବା ରାବଣପୋଡି, ଦଶହରା ଉତ୍ସବ ଏବଂ ଶ୍ରୀରାମଙ୍କ ରାଜ୍ୟାଭିଷେକ ସହିତ ଆତସବାଜି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେବାକୁ ଆମନ୍ତ୍ରିତ କରାଯାଇଛି। ।

# ପ୍ରଥମ ସଭାପତି ରଘୁବର ଧଳଙ୍କ ବିୟୋଗରେ ଧାମରା ସଂଘ ପକ୍ଷରୁ ଶୋକ



ରାଉରକେଲା,୧୫/୧୦(ନି/ପ୍ର): ସହରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଧାମରା ସଂଘର ତତ୍କାଳୀନ ପ୍ରଥମ ସଭାପତି ରଘୁବର ଧଳଙ୍କ ୮୪ ବର୍ଷ ବୟସରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଆପୋଲୋ ହସ୍ପିଟାଲ୍ସରେ ଇହଲୀଳା ସମ୍ବରଣ କରିଛନ୍ତି। ସ୍ୱର୍ଗତଃ ରଘୁବର ୧୯୮୯ ମସିହାରେ ଧାମରା ସଂଘ ଗଠନ ସମୟରେ ପ୍ରଥମ ସଭାପତି ଭାବେ ଆସନ ଅଳଙ୍କୃତ କରିଥିଲେ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଚଂଳର ବାରାକୁହ୍ଲା ଗ୍ରାମର ମୂଳବାସିନ୍ଦା ସ୍ୱର୍ଗତଃ ଧଳ ରାଉରକେଲା ଇସ୍ପାତ କାରଖାନାରୁ ଅବସରଗ୍ରହଣ ପରେ ଜଗଦା ସ୍ଥିତ ତାଙ୍କ ନିଜସ୍ୱ ବାସଭବନ ଜେ.ଇ./୪୭ରେ ରହୁଥିଲେ। ସ୍ୱର୍ଗତଃ ଧଳଙ୍କ ପାର୍ଥିବ ଶରୀରକୁ ଆଜି ଧାମରା ସଂଘ ପରିସରକୁ ଅଣାଯାଇ ଶ୍ରଦ୍ଧା ଓ ଭକ୍ତିର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେ ଜଣେ ସାହିତ୍ୟିକ ଓ ସମାଜସେବୀ ଭାବେ ବିଭିନ୍ନ ଅନୁଷ୍ଠାନ ସହ ଶେଷ ପର୍ଯ୍ୟନ୍ତ ଜଡିତ ଥିଲେ। ତାଙ୍କ ବିୟୋଗରେ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଛି। ତାଙ୍କ ମରଶରୀରକୁ ଧାମରା ସଂଘର ଶବବାହକ ଗାଡି 'ଅନ୍ତିମ ସାରଥି'ରେ ଜଗଦାରୁ ଅଣାଯାଇ ବେଦବ୍ୟାସ ଘାଟରେ ଅନ୍ତିମ ସଂସ୍କାର କରାଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କର ଜ୍ୟେଷ୍ଠ ପୁତ୍ର ଦେବବ୍ରତ, କନିଷ୍ଠ ପୁତ୍ର ଜ୍ୟୋତିବ୍ରତ, ବୋହୂ, ନାତି ନାତୁଣୀ ଏବଂ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ବେଦବ୍ୟାସ ଘାଟରେ ତାଙ୍କ ଜ୍ୟେଷ୍ଠ ପୁତ୍ର ଦେବବ୍ରତ ମୁଖାଗ୍ନି ଦେଇଥିଲେ। ଧାମରା ସଂଘ ପକ୍ଷରୁ ସଭାପତି ପ୍ରଶାନ୍ତ ବେହେରା ଏବଂ ସାଧାରଣ ସମ୍ପାଦକ ଭଗବାନ ରାଉତଙ୍କ ସମେତ ନିତ୍ୟାନନ୍ଦ ବିଶ୍ୱାଳ, ଅକ୍ଷୟ ଦାସ, ସଞ୍ଜୟ ପରିଡା, ସରୋଜ ପରିଡା, କୁଳମଣି ଓଝା, ବିଷ୍ଣୁ ପ୍ରସାଦ ଦାସ, ଦେବେନ୍ଦ୍ର ନାୟକ, କୃଷ୍ଣ ପଣ୍ଡା ପ୍ରମୁଖ ସ୍ୱର୍ଗତଃ ଧଳଙ୍କ ପ୍ରତି ଶେଷ ସମ୍ମାନ ଜଣାଇଥିଲେ।

## ସେବା ସଙ୍କଳ୍ପ ଅଭିଯାନ ଅନ୍ତର୍ଗତ ମହିଳାମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର

ରାଉରକେଲା,୧୫/୧୦(ନି/ପ୍ର): ଶ୍ରଦ୍ଧା ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇ ଥିଲା।ଏହି ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ରାଉରକେଲାର ବିଶିଷ୍ଟ ସମାଜସେବୀ ତଥା ପରାମର୍ଶଦାତା ପୁଷ୍ପା ମିଶ୍ର ଯୋଗ ଦେଇ ମହିଳା ମାନଙ୍କର ସୁସ୍ଥ ଜୀବନ ଶୈଳୀ,କର୍କଟ ରୋଗ ଜନିତ ସମସ୍ୟା କୁ କିଭଳି ଭାବେ ଦୂର କରି ପାରିବା ଜଣେଇ ଥିଲେ । ସେ କହିଥିଲେ ଯେ, ମା ମାନେ ପ୍ରଥମେ ସେମାନଙ୍କର ନିଜ ସ୍ୱାସ୍ଥ ର ଯତ୍ନ ନେବା ସହିତ ସର୍ବଦା ନିଜକୁ ଖୁସି ରଖି ପରିବାର ର ଅନ୍ୟମାନଙ୍କୁ ଖୁସି ବାଟିଂବା ଉଚିତ। ଘରର ଜଣେ ଗୃହିଣୀ ହିଁ ପରିବାରର ପ୍ରକୃତ ପ୍ରଯତ୍ନଦାୟିକା ।ଏଥିପାଇଁ ତାଙ୍କୁ ସବୁ ଦିଗରେ ସଚେତନତା ଦରକାର । ସମ୍ମାନିତ ଅତିଥି ଭାବେ ଡକ୍ଟର ରଶ୍ମୀ ଯାଦବ ତାଙ୍କ ବକ୍ତବ୍ୟରେ କହିଥିଲେ ଥିଲେ ଯେ ମହିଳା ମାନେ ନିଜକୁ ପ୍ରଥମ ପ୍ରାଥମିକତା ଦେବା ନିତ୍ୟାନ୍ତ ଆବଶ୍ୟକ ଅଟେ । ପରିବାର ର ପୁଅ ଏବଂ ଝିଅ ଙ୍କୁ ମା ମାନେ ତାଙ୍କର ସାଙ୍ଗ ଭଳି ଯୁବ ଅବସ୍ଥା ସମୟରେ ବିଭିନ୍ନ ସମସ୍ୟା କୁ କିପରି ସମାଧାନ କରାଯିବ ତାଙ୍କ ସହିତ ଖୋଲା ମନରେ ଆଲୋଚନା କରିବା ଦରକାର। ଶ୍ରଦ୍ଧା ଅନୁଷ୍ଠାନ ର ଫିଜିଓ ଥେରାପିଷ୍ଟ ଆଲୋକ ସାହୁ ମାଂସ ପେଶୀ ଜନିତ ସମସ୍ୟା ଉପରେ ତାର କାରଣ ଓ ନିରାକରଣ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସି. ଡବ୍ଲୁ. ଏସ. ହସ୍ପିଟାଲ ର ନର୍ସିଂ ସୁପରି ଟେନଣ୍ଡେଟଂ ଡ଼କ୍ଟର ପ୍ରଭାସିନୀ ବାର୍ଲା ବୟସ ବଢିଲେ ମହିଳା ମାନଙ୍କର ଜୀବନରେ ହେଉଥିବା ଶାରୀରିକ, ସାମାଜିକ ଏବଂ ମାନସିକ ପରିବର୍ତ୍ତନ ବିଷୟ ରେ ଏବଂ ସ୍ୱାସ୍ଥ୍ୟ ପାଇଁ ସଫାସୁତୁରା ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଶ୍ରଦ୍ଧା ଉପସଭାପତି ଡଃ. ପ୍ରଭାକର ନାୟକ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ଯେ ଆଜି ର ଦିନ ରେ ନିରୋଗ ଓ ଭଲ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ପ୍ରାଣୟାମର ଆବଶ୍ୟକତା ରହିଛି। ଏହା ନିତିଦିନିଆ ଭାବେ ଅଭ୍ୟସ୍ତ ହେଲେ , ମନକୁ ସଂଯମତା ସହିତ ଶାନ୍ତି ମିଳିଥାଏ। ଆଉ ମନ ଶାନ୍ତ ରହିଲେ ସ୍ୱାସ୍ଥ୍ୟ ଭଲ ନୁହେଁ। ପ୍ରାରମ୍ଭରେ ଶ୍ରଦ୍ଧା ର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେବା ସହିତ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେକ୍ଟର ୧୬ ଏ ବ୍ଲକ ଫିଂ ବ୍ଲକ, ଜଗନ୍ନାଥପଲ୍ଲୀ, ଡୁମକେଲା ଆଦି ଅଂଚଳରୁ ମିରର ଫାଉଣ୍ଡେସନ ର କର୍ମୀ ଶ୍ରଦ୍ଧା ସ୍କୁଲ ର ଶିକ୍ଷୟତ୍ରୀ, ଅଭିଭାବକ ମୋଟ ୮୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗନେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ। ସୁକୁମାର ପାଣ୍ଡବ, ଗଗନ ମହାନ୍ତି, ଧୀରେନ୍ କୁମାର ଓଝା, ସୁଜାତା ରାଉତ, ଅଞ୍ଜଳି ମହାରଣା, ସୌଦାମିନୀ ପଟ୍ଟନାୟକ, ଇତିଶ୍ରୀ ଦାସ, ଚନ୍ଦ୍ରିକା ପାଣ୍ଡବ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୧୫/୧୦(ନି/ପ୍ର): ଅଖିଳ ଓଡିଶା ନ୍ୟାୟିକ କର୍ମଚ୍ଚାରୀ ସଂଘର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ ବଲାଙ୍ଗିର ସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସଭାଗୃହରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଓଡିଶାର ବିଭିନ୍ନ ଜଜ୍‌ସିପ୍ ରୁ ଆସିଥିବା ନ୍ୟାୟିକ କର୍ମଚ୍ଚାରୀ ଓ ପ୍ରତିନିଧିମାନେ ଯୋଗ ଦଇେଥିଲେ । ଏହି ସମାରୋହରେ ବଲାଙ୍ଗିର ର ଜିଲ୍ଲା ଓ ଦୌରା ଜଜ୍ ହରିଶ୍ଚନ୍ଦ୍ର ବିଶୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବଲାଙ୍ଗିରର ଭିଜିଲାନ୍ସ ଜଜ୍ ବେଣୁଧର ପତ୍ର, ବରିଷ୍ଠ ଆଇନଜିବୀ ଅମରେନ୍ଦ୍ର ମିଶ୍ର ଏବଂ ବଲାଙ୍ଗିର ବାର ଆସୋସିଏସନର ସଭାପତି ବାସୁଦେବ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଭରତ ବାଇଙ୍କ ତରଫରୁ ଅସହାୟଙ୍କ ପାଇଁ ଗୃହନିର୍ମାଣ



ରାଉରକେଲା,୧୫/୧୦(ନି/ପ୍ର): ଛେଣ୍ଡ ନିକଟ ବାଗବୁଡି ଗ୍ରାମ ଠାରେ ସମାଜସେବୀ ଭରତ ବାଇ ଙ୍କ ଦ୍ୱାରା ଅତ୍ୟନ୍ତ ଗରିବ ନିରାଶ୍ରୟ ଲୋକଙ୍କୁ ଦେଉଥିବା ଘର ର ୪୯ ଓ ୫୦ ତମ ଗୃହ ର ଗୃହ ପ୍ରବେଶ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଏକ ସଭା ମୁଣ୍ଡାରୀ ସାଂସ୍କୃତିକ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସମାଜସେବୀ ଡାକ୍ତର ଜ୍ଞାନ ରଞ୍ଜନ ଗିରି ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ମହେନ୍ଦ୍ର ବଳ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସହରର ଜଣାଶୁଣା ସମାଜସେବୀ ଜୟନ୍ତ କୁମାର ମିଶ୍ର,ମହେନ୍ଦ୍ର ମହାନ୍ତି,ସେବା ନିବୃତ୍ତ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ପଟ୍ଟନାୟକ,ବିଜୟ ବରାଳ,ସେବା ନିବୃତ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବି ନାରାୟଣ ଦାଶ,ମୁଣ୍ଡାରୀ ସମାଜ ର ନେତୃତ୍ୱ ନେଉଥିବା ଭରତ ମୁଣ୍ଡାରୀ, ସେବା ନିବୃତ୍ତ ବ୍ୟାଙ୍କ୍ ଅଧିକାରୀ ରାଜେଶ ମହାପାତ୍ର,କୃଷକ ନେତା ସୁରେନ୍ଦ୍ର ଦାସ,ଅବସରପ୍ରାପ୍ତ ଆରଏସପି କର୍ମଚାରୀ ସଂଘ ସଭାପତି ରାଧାକାନ୍ତ ନାୟକ , ଲେଖକ ପୂର୍ଣ୍ଣଚନ୍ଦ୍ର ବେହେରା,ବର୍ଷୀୟାନ ନେତା ତଥା ସମାଜସେବୀ ପି ପି ରାୟ , ଶୈଳେନ୍ଦ୍ର ମହାନ୍ତି , ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସହିତ ଅନେକ ଜଣାଶୁଣା ସାମାଜିକ କର୍ମୀ ଯୋଗଦେଇଥିଲେ । ନିଜ ନିଜ ବକ୍ତବ୍ୟରେ ସମସ୍ତେ ଏଭଳି ମହତ କାର୍ଯ୍ୟ ପାଇଁ ସମାଜସେବୀ ଭରତ ବାଇ ଙ୍କର ବହୁତ ପ୍ରଶଂସା କରିଥିଲେ।ସବୁଠୁଁ ବଡ କଥା ହେଲା ଭରତ ବାଇ ନିଜେ ଭଡ଼ା ଘରେ ରହନ୍ତି,ସାଇକେଲରେ ଦୈନନ୍ଦିନ କାମ କରନ୍ତି, ରୋଜଗାର ଅର୍ଥ ରୁ ଅଳ୍ପ କିଛି ଅର୍ଥ ପରିବାର ର ଖାଇବା ଓ ଘରଭଡ଼ା ପାଇଁ ଦେଇ ବାକି ଅର୍ଥ ଅତ୍ୟନ୍ତ ଗରିବ ନିରାଶ୍ରୟ ଲୋକଙ୍କୁ ଘର ନିର୍ମାଣ କରି ଦେବାରେ ଖର୍ଚ୍ଚ କରନ୍ତି । ପୂର୍ବରୁ ସଂଚୟ କରିଥିବା ଅର୍ଥକୁ ସିଏ ଏହି ୫୦ ଟି ଘର ନିର୍ମାଣ ଲାଗି ଖର୍ଚ୍ଚ କରି ସାରିଛନ୍ତି ।ଆଉ ଗୋଟେ ଗୁରୁତ୍ୱ ପୂର୍ଣ୍ଣ ବିଷୟ ହେଲା ସେ ଏଥିପାଇଁ କୌଣସି ଏନ୍ ଜି ଓ କିମ୍ବା କୌଣସି ସରକାରୀ କିମ୍ବା କୌଣସି ବ୍ୟକ୍ତି ବିଶେଷଙ୍କ ଠାରୁ ଆର୍ଥିକ ଅନୁଦାନ ନନେଇ କେବଳ ନିଜ ରୋଜଗାର ଅର୍ଥ ରେ କରିଛନ୍ତି ।ଭରତ ବାଇ ଙ୍କ ଘର ନିର୍ମାଣ କାମରେ ଠିଆ ହେଇ ଶ୍ରମିକ ମାନଙ୍କୁ ନେଇ କାମ କରିବାରେ ସାହାଯ୍ୟ କରିଥିବା ମୋହନ ମୁଣ୍ଡାରୀ ,ପ୍ରବୀର ସେଠି, ମହେଶ୍ୱର ସିଂହ ଓ ବିଜୟ ମଲ୍ଲିକଙ୍କୁ ମଂଚରେ ସମ୍ମାନିତ କରାଯାଇଥିଲା । ପାଖାପାଖି ଅଚଂଳର ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ୪୯ ତମ ଘର କାଂଚନ ସମାସିଙ୍କୁ ଦିଆଗଲା ଯିଏକି ଠିକ୍ ରେ ଚାଲି ପାରୁନାହାନ୍ତି ,ଭଙ୍ଗା ଘରେ ବହୁତ କଷ୍ଟରେ ରହୁଥିଲେ,ରୋଜଗାର ବି ନାହିଁ । ସେହିପରି ୫୦ ତମ ଘର ଦୃଷ୍ଟି ହୀନ ଶ୍ରୀମତୀ ବିରଜୀ ମୁଣ୍ଡାରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଉଦ୍ଘୋଷିକା ଝିଲିମା ମହାନ୍ତି ପରିଚାଳନା କରିଥିଲେ ।

## କଲେଜରେ ଛାତ୍ର ସଂସଦ ନିର୍ବାଚନ, କଡ଼ା ସୁରକ୍ଷା ମଧ୍ୟରେ ଚାଲିଛି ମତଦାନ

ରାଉରକେଲା,୧୫/୧୦(ନି/ପ୍ର): ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ଆଜି ରାଜ୍ୟରେ ହେଉଛି ଛାତ୍ର ସଂସଦ ନିର୍ବାଚନ। ରାଉରକେଲାର ବିଭିନ୍ନ କଲେଜରେ ଆରମ୍ଭ ହୋଇଛି ଛାତ୍ର ସଂସଦ ନିର୍ବାଚନ। ସହରର ୧୦ରୁ ଉର୍ଦ୍ଧ୍ୱ କଲେଜରେ ଚାଲିଛି ଭୋଟଗ୍ରହଣ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କଲେଜ ପରିସରରେ କରାଯାଇଛି କଡ଼ା ସୁରକ୍ଷା ବ୍ୟବସ୍ଥା। ବିଶେଷ କରି ରାଉରକେଲା ମ୍ୟୁନିସିପାଲ କଲେଜରେ ୧୧ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ ଚାଲିଛି। ଏଠାରେ ପ୍ରାୟ ୧୩୦୦ ଛାତ୍ରଛାତ୍ରୀ ନିଜର ମତଦାନ କରିବେ। ସକାଳ ୮ଟାରୁ ଆରମ୍ଭ ହୋଇଥିବା ମତଦାନ ଦିନ ୨ଟା ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ପଦବୀ ପାଇଁ ପ୍ରାୟ ଏକ ଡଜନ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ଥିବାବେଳେ ଦୁଇଟି ପଦବୀ ପାଇଁ କୌଣସି ପ୍ରାର୍ଥୀ ନାହାନ୍ତି। ଦୀର୍ଘ ଦିନ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଛି ଉତ୍ସାହ। ମତଦାନ ଶେଷ ହେବା ପରେ ସନ୍ଧ୍ୟାରେ ଫଳାଫଳ ପ୍ରକାଶ ପାଇବା ଆଶା କରାଯାଉଛି। ତେବେ କଲେଜ କ୍ୟାମ୍ପସରେ କିଏ ହାତେଇବ



ଛାତ୍ର ସଂସଦର ନେତୃତ୍ୱ ସମସ୍ତଙ୍କ ନଜର ଏବେ ନିର୍ବାଚନ ଫଳାଫଳ ଉପରେ।

# ଜୟନ୍ତୀଗିରିରେ ଠିଆ ହେବ ଆୟୁର୍ବେଦ ବିକାଶ ପାଇଁ ସଭାଗୃହ : ଜୟପୁର ବିଧାୟକ

ଜୟପୁର,୧୫/୧୦(ନି/ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତୀଗିରି ଠାରେ ଏକ ସଭାଗୃହ ନିର୍ମାଣ କରାଯିବ। ଏହି କୋଠାଟି ସମ୍ପୂର୍ଣ୍ଣ ରୂପେ ଜିଲ୍ଲାରେ ଆୟୁର୍ବେଦର ବିକାଶ ପାଇଁ କାର୍ଯ୍ୟ କରିବ ବୋଲି କହିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି। କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ମାଗଣା ଆଜି ମାଗଣା ଆୟୁର୍ବେଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଜୟନ୍ତୀଗିରି ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିଷଦର ସଂପାଦକ କବିରାଜ ପରମେଶ୍ୱର ପାତ୍ର ପରିଚାଳନା କରିଥିବା ବେଳେ ଏଥିରେ ଜିଲ୍ଲାର ଗାଁ ବୈଦ୍ୟ ଏବଂ ଦିଶାରୀମାନଙ୍କୁ ନେଇ ଏକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ଏମାନଙ୍କ ପାଇଁ ରାଜ୍ୟ ସରକାର କିଭଳି ମାସିକ ଭତ୍ତା ବ୍ୟବସ୍ଥା କରିବେ ସେ ନେଇ ବିଧାନସଭାରେ ଦାବି ଉଠାଇବି ବୋଲି କହିବା ସହ ଗାଁ ବୈଦ୍ୟ ଏବଂ ଦିଶାରୀ ସଂଘ ପାଇଁ ଏକ ସଭାଗୃହ ନିର୍ମାଣ ସକାଶେ ୭ ଲକ୍ଷ ଟଙ୍କା ବିଧାୟକ ହାତପାଣ୍ଠିରୁ ପ୍ରଦାନ ସହ ଜୟନ୍ତୀଗିରି ଠାରେ ଏହି ସଭାଗୃହ ପାଇଁ ସରକାରୀ ଜମି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ।ପରିଷଦର ଉପଦେଷ୍ଟା ରାଜେନ୍ଦ୍ର କୁମାର ଗୌଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବୋରିଗୁମ୍ମା ବ୍ଲକର ପୂର୍ବତନ ଅଧକ୍ଷ ମଦନ ମୋହନ ନାୟକ, ବୈଦ୍ୟ ରଘୁନାଥ ଅମାନାତ୍ୟ, ରାମନାଥ ଅମାନାତ୍ୟ, ଡୁଜା ପୂଜାରୀ, ଶ୍ରୀରାମ ଗୌଡ଼, ଜବାହର ଜେନା ପ୍ରମୁଖ ମଂଚାସୀନ ରହିଥିଲେ। ବୈଠକରେ ଜଡ଼ି-ବୁଟି ଉପରେ ଏକ ଆଲୋଚନାଚକ୍ର ସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ବୈଦ୍ୟମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଗାଁ ଗାଁରେ ଆୟୁର୍ବେଦର ପ୍ରଚାର ଏବଂ ପ୍ରସାର ମୁଖ୍ୟ ଏହାର ମୂଳ ଲକ୍ଷ୍ୟ ବୋଲି ପରିଷଦ ପକ୍ଷରୁ କୁହାଯାଇଥିଲା। ଏହି ଅବସରରେ ସମସ୍ତ ଗାଁ ବଇଦ ଓ ଦିଶାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନ ଦିଆଯାଇଥିଲା। ଆଖପାଖ ଗାଁର ଶତାଧିକ ପୁରୁଷ ଏବଂ ମହିଳାଙ୍କୁ ମାଗଣା ଆୟୁର୍ବେଦ ଔଷଧ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାବୁଲା ଗୌଡ଼, ଲିଲୁ ପାତ୍ର ଉପସ୍ଥିତ ରହିଥିବାବେଳେ ଶେଷରେ ସହ ସଂପାଦକ ସତ୍ୟ ନାରାୟଣ ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷାସାହିତ୍ୟ ପତ୍ରିକା 'ଆକଳନ'ର ଶାରଦୀୟ ସଂଖ୍ୟା ଉନ୍ମୋଚନ

ଭଦ୍ରକ,୧୫/୧୦(ନି/ପ୍ର):ଭଦ୍ରକରୁ ପ୍ରକାଶ ପାଉଥିବା ଓଡ଼ିଶାର ଏକମାତ୍ର ସମୀକ୍ଷାସମୃଦ୍ଧ ଓ ସମାଲୋଚନାମୂଳକ ସାହିତ୍ୟ ପତ୍ରିକା ଆକଳନର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି।ପତ୍ରିକାର ସମ୍ପାଦକ ପ୍ରଫେସର ଡ ଶଶଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଆସରରେ ଅତିଥିମାନେ କହିଥିଲେ ଯେ ଆକଳନ ଓଡ଼ିଆ ପତ୍ରିକାରାଜ୍ୟରେ ଏକ ଭିନ୍ନରୁଚିର ପତ୍ରିକା ଯାହା ଲେଖକ ଓ ପାଠକ ମଧ୍ୟରେ ସମ୍ପର୍କ ତିଆରି କରେ। ମୁଖ୍ୟବକ୍ତା ପ୍ରଫେସର ଡ ବ୍ରଜମୋହନ ମିଶ୍ର କହିଲେ ଯେ ଆକଳନ ହେଉଛି ଏକ ଆସ୍ପୃହାର,ଏକ ଆମନ୍ତ୍ରଣ ଓ ଏକ ଆହ୍ୱାନ। ମୁଖ୍ୟଅତିଥି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର କହିଲେ ଯେ ଜଣେ ପ୍ରକୃତ ସମାଲୋଚକ ପାଠକର ଆଖି ଖୋଲିଦିଏ। ପୁନଶ୍ଚ ଏହା ଲେଖକ ସହ ପାଠକର ସମ୍ପର୍କ ଯୋଡି ଦିଏ। ବିଗତ ଦଶବର୍ଷ ଧରି କ୍ରମାଗତ ଭାବରେ ପ୍ରକାଶ ପାଉଥିବା ଏକମାତ୍ର ସମୀକ୍ଷାସମୃଦ୍ଧ ଓ ସମାଲୋଚନାମୂଳକ ସାହିତ୍ୟ ପତ୍ରିକାର ପାଠକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।ସାହିତ୍ୟର ଏହି ଉପେକ୍ଷିତ ବିଭାଗ ପ୍ରତି ଉଭୟ ଲେଖକ ଓ ପାଠକର ଦୃଷ୍ଟି ଫେରିଛି ବୋଲି ସମ୍ପାଦକ ଡ ଶଶଧର ଦାସ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ ଗୋଲୋକ ବିହାରୀ ସାହୁ, ଡ ରାମଚନ୍ଦ୍ର ପଣ୍ଡା ଓ ପ୍ରାଧାପିକା ଡ ରାଧାରାଣୀ ମହାପାତ୍ର ,ଡ ସୁଧାଂଶୁ ଶେଖର ନାୟକ ଆକଳନ ପତ୍ରିକାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ନିଜର ମତାମତ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲାର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଝରଣା ପଟ୍ଟନାୟକ, ଗୋବର୍ଦ୍ଧନ ସାମଲ, ପ୍ରୀତିଲତା ପଣ୍ଡା,ସଂଯୁକ୍ତା ବଳନାୟକ, ଆନନ୍ଦ ଚନ୍ଦ୍ର ଦାସ, ରମେଶ ଦାସ,ମଧୁସୂଦନ ପାଣିଗ୍ରାହୀ,ବିପ୍ଳବ ହୋତା, ନିହାର କୁମାର ଦାସ, ପ୍ରମୋଦ ରାୟ, ପ୍ରଜ୍ଞାନ ଦାସ ,ମଞ୍ଜୁଲତା ଦାସ,ସଂଗୀତା ଆଇଚ,ଡାକ୍ତର ଚିତରଞ୍ଜନ ମହାନ୍ତି,ସୁନୀତି ମହାନ୍ତି, ପ୍ରମୋଦା ପଣ୍ଡା, ଡ ରାଇମୋହନ ମହାପାତ୍ର, ଭରତ ଚନ୍ଦ୍ର ଦାଶ, ଗାୟତ୍ରୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଭେଣ୍ଡର ଆଲୋଚନାଚକ୍ର ଆୟୋଜିତ



ରାଉରକେଲା,୧୫/୧୦(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ସମୃଦ୍ଧି ପାଇଁ ସାଧୁତା (ପ୍ରୋବିଟି ଫର ପ୍ରସପେରିଟି) ବିଷୟବସ୍ତୁ ଆଧାରରେ ଅକ୍ଟୋବର ୧୩ ତାରିଖ ଦିନ ସମାଧାନ ସମ୍ମିଳନୀ କକ୍ଷରେ ଭେଣ୍ଡର ଏବଂ ଯୋଗାଣକାରୀମାନଙ୍କ ସହ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ସତର୍କତା ବିଭାଗ ଏବଂ ମ୍ୟାଟେରିଆଲ୍ସ ମ୍ୟାନେଜମେଂଟ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସତର୍କତା ସଚେତନତା ବୃଦ୍ଧି କରିବା, ବ୍ୟବସାୟିକ କାରବାରରେ ସ୍ୱଚ୍ଛତା ଆଣିବା ଏବଂ ଅଭିଯୋଗ ନିରାକରଣ ପାଇଁ ଏକ ପ୍ରଭାବଶାଳୀ ବ୍ୟବସ୍ଥା ପ୍ରତିଷ୍ଠା କରିବା। ସମାବେଶକୁ ସମ୍ବୋଧିତ କରି ଆରଏସପିର ନିର୍ବାହୀ ନିର୍ଦ୍ଦେଶକ (ଏମଏମ) ଶ୍ରୀ ଅନିଲ କୁମାର, ଆରଏସପି ଏବଂ ଏହାର ପ୍ରମୁଖ ଭେଣ୍ଡର ନେଟୱାର୍କ ମଧ୍ୟରେ ସୁଦୃଢ଼ ଓ ସ୍ୱଚ୍ଛ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ (ଏମଏମ) ଶ୍ରୀ ଟି. ବିନୋଦଙ୍କ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଏହା ପରେ ସତର୍କତା ନିଷ୍ଠା ଶପଥ ପାଠ କରାଯାଇଥିଲା। ଆରଏସପିର ମହାପ୍ରବନ୍ଧକ (ସତର୍କତା) ଓ ଏ.ସି.ଭି.ଓ ଶ୍ରୀ ରଞ୍ଜନ ଭାରତୀ ଏବଂ ମୁଖ୍ୟ ମହାପ୍ରବନ୍ଧକ (ସିସି) ଶ୍ରୀ ଆଲୋକ କୁମାର ବେହେରା ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖି ଶିଳ୍ପ ପରିଚାଳନାରେ ନୈତିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ମ୍ୟାଟେରିଆଲ୍ସ ମ୍ୟାନେଜମେଂଟ ଏବଂ ସତର୍କତା ବିଭାଗର ପ୍ରତିନିଧିମାନେ ମଧ୍ୟ ଭେଣ୍ଡର ବିକାଶ ଏବଂ ନିବାରକ ସତର୍କତା ପଦକ୍ଷେପ ସମ୍ପର୍କରେ ସଂକ୍ଷିପ୍ତ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଏକ ମୁକ୍ତ ଆଲୋଚନା ଚକ୍ର, ଯେଉଁଥିରେ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଆର.ସି.ସି.ଆଇ), ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ (ଡି.ଏସ.ଏସ.ଆଇ.ଏ), ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏ ଟ ଂ ର ପ୍ର ା ଇ ଜେ ସ୍ (ଓ.ଏସ.ଏମ.ଇ) ଏବଂ ଓଡ଼ିଶା ୟଙ୍ଗ ଏଂଟରପ୍ରେନରସ ଆସୋସିଏସନ୍ (ଓ.ୱା.ଇ.ଇ.ଏ) ର ପ୍ରମୁଖ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଭେଣ୍ଡରମାନଙ୍କ ଦ୍ୱାରା ଉତ୍ଥାପିତ ଚିନ୍ତା ଓ ପ୍ରତିକ୍ରିୟାର ସିଧାସଳଖ ସମାଧାନ କ୍ରୟ, ମାର୍କେଟିଂ, କଣ୍ଟ୍ରାକ୍ଟ ସେଲ୍ ଏବଂ ଷ୍ଟୋର୍ସ ବିଭାଗର ବିଭାଗୀୟ ମୁଖ୍ୟମାନଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହକାରୀ ମହାପ୍ରବନ୍ଧକ (ସତର୍କତା) ଶ୍ରୀ ବିକ୍ରାନ୍ତ କୁମାର ପଟେଲ ସଂଯୋଜନା କରିଥିଲେ ଏବଂ ମହାପ୍ରବନ୍ଧକ (ଏମଏମ) ଶ୍ରୀ ଏସ. ଭଟ୍ଟାଚାର୍ଯ୍ୟଙ୍କ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।